**ସଂକ୍ଷେପରେ**

## କୋଭିଡ୍ ନିୟମ ଉଲ୍ଲଂଘନ କରି ମଦ କାରବାର

**ନୂଆପଡ଼ା ଅଫିସ/ଖଡ଼ିଆଳ,୪।୫ (ଡି.ଏନ.ଏ.):** ନୂଆପଡା ଜିଲା ଖଡିଆଳ ବ୍ଲକ ଭୁଲିଆସିକୁଆଁ ଶବରପଡାରେ ଘନଶ୍ୟାମ ବାରିକ କୋଭିଡ୍ ନିୟମ ଉଲ୍ଲଂଘନ କରି ଜଳଖିଆ ଦୋକାନରେ ମଦ ବିକ୍ରି କରି ଭିଡ କରୁଥିବା ଅଭିଯୋଗ ପରେ ସୋମବାର ସନ୍ଧ୍ୟାରେ ଚଢ଼ାଉ କରାଯାଇଥିଲା। ଖଡିଆଳ ପୋଲିସ ଓ ତହସିଲଦାରଙ୍କ ଚଢ଼ାଉ ପରେ ଦୋକାନୀ ସେମାନଙ୍କୁ ଗାଳିଗୁଲଜ କରିବା ସହ ତହସିଲଦାରଙ୍କୁ ମାରିବାକୁ ଗୋଡାଇଥିଲେ। ପରେ ପୋଲିସ ତାଙ୍କୁ କାବୁ କରିଥିଲେ। ଦୋକାନରୁ ୩୦୪ଟି ବିଦେଶୀ ମଦ ବୋତଲ, ୨୮ଟି ପାଉଚ ମଦ ଗୋଟିଏ ଫ୍ରିଜର ଓ ଧାରୁଆ ଅସ୍ତ୍ର ଜବତ କରାଯାଇଥିଲା। ପରେ କରୋନା ଟେଷ୍ଟରେ ଘନଶ୍ୟାମ କୋଭିଡ୍ ପଜିଟିଭ ହେବାରୁ ତାଙ୍କୁ କୋଭିଡ୍ କେୟାର ସେଣ୍ଟରକୁ ପଠାଯାଇଛି। ତାଙ୍କ ବିରୋଧରେ ଖଡିଆଳ ଥାନାରେ ଏକ ମାମଲା ରୁଜୁ ହୋଇଛି ବୋଲି ଆଇଆଇସି କୈଳାଶ ଚନ୍ଦ୍ର ସେଠୀ ପ୍ରକାଶ କରିଛନ୍ତି।

## ରବି ଧାନକୁ କାଳ କାଳବୈଶାଖୀ

**ଅତାବିରା, ୪।୫ (ଡି.ଏନ.ଏ):** ବରଗଡ଼ ଜିଲା ଅତାବିରା ଓ ଭେଡେନ ବ୍ଲକ ଅଞ୍ଚଳରେ ଗତ ସୋମବାର ରାତିରେ ଝଡବତାସ ସହ ବର୍ଷା ହୋଇଛି। ବର୍ଷା ହେବାରୁ ତାତିରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ମାତ୍ର କେତେକ ଚାଷୀଙ୍କ ଅମଳ ଧାନ ଭିଜି ନଷ୍ଟ ହୋଇଛି। ରାତି ପାହିଲେ ଅତାବିରା ଆରଏମ୍‌ସିର ବିଭିନ୍ନ ମଣ୍ଡି ଖୋଲିବ। ଏହାପୂର୍ବରୁ କାଳବୈଶାଖି ଯୋଗୁ ଚାଷୀମାନେ ଚିନ୍ତିତ ହୋଇପଡିଛନ୍ତି। କରୋନା ଯୋଗୁ ଚଳିତବର୍ଷ ରବି ଧାନ ଅମଳରେ ଶ୍ରମିକ ଅଭାବ ଦେଖାଦେଇଛି। ଅଣଜଳସେଚିତ ଅଞ୍ଚଳରୁ ଅତାବିରା ଅଞ୍ଚଳକୁ ଏପ୍ରିଲ ମାସ ଶେଷ ସପ୍ତାରେ ଶ୍ରମିକମାନଙ୍କ ସୁଅ ଛୁଟିଥାଏ। ହେଲେ ଏଥର ଲକଡାଉନ ଯୋଗୁ ଧାନ ଅମଳ କରିବାରେ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେବେ। ତେବେ ପ୍ରତ୍ୟେକ ମଣ୍ଡିରେ ପର୍ଯ୍ୟାପ୍ତ ପରିମାଣର ତାରପୋଲିନ ମହଜୁଦ ଥିବା ଆରଏମ୍‌ସି ସମ୍ପାଦକ ପ୍ରଦୀପ କୁମାର ବେସନ କହିଛନ୍ତି।

## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ



ମଙ୍ଗଳୁଧର କୁଜୁର।

**କୁତ୍ରା, ୪।୫(ଡ଼ି.ଏନ.ଏ):** ସୁନ୍ଦରଗଡ଼ ଜିଲା କୁତ୍ରା ଗ୍ରାମରେ ବସବାସ କରୁଥିବା କୁତ୍ରା ନୋଡାଲ ପ୍ରାଇମେରି ସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ମଙ୍ଗଳୁଧର କୁଜୁରଙ୍କ ମଙ୍ଗଳବାର ସକାଳେ ଦେହାନ୍ତ ହୋଇଯାଇଛି। ସେ ମଙ୍ଗଳବାର ସକାଳେ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କୁ ଡାକ୍ତର ଦେଖିବା ପରେ ସୁନ୍ଦରଗଡ ମୁଖ୍ୟ ଚିକିତ୍ସାଳୟକୁ ପଠାଇଦେଇଥିଲେ। ସେଠାରେ ସେ ହୃଦଘାତରେ ମୃତ୍ୟବରଣ କରିଛନ୍ତି। ସେ ଅବସର ଗ୍ରହଣ କରିବା ପରେ ଦୀର୍ଘବର୍ଷରୁ କୁତ୍ରା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ସମ୍ପାଦକ ଭାବରେ କାର୍ଯ୍ୟ ତୁଲାଇଆସିଥିଲେ। ଶ୍ରୀ ଅରବିନ୍ଦ ସ୍କୁଲର ରକ୍ଷଣାବେକ୍ଷଣ ସହିତ ସ୍କୁଲର ପୂର୍ଣ୍ଣାଙ୍ଗ ଉନ୍ନତି ଦିଗରେ ସବୁବେଳେ ପ୍ରଚେଷ୍ଟା କରି ଅସିଥିଲେ। ସେ ଅତ୍ୟନ୍ତ ସରଳ ସ୍ୱଭାବର ବ୍ୟକ୍ତି ଥିଲେ। ସ୍ୱର୍ଗୀୟ କୁଜୁର ଜଣେ ଉତ୍ତମ ଶିକ୍ଷକ, ଛାତ୍ର ବତ୍ସଳ ସ୍ନେହୀ ଶିକ୍ଷକ ଭାବେ ଓ ଜଣେ ସମାଜସେବୀ ଭାବେ ସୁନାମ ଅର୍ଜନ କରିଥିଲେ। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ କୁତ୍ରା ଗ୍ରାମର ପ୍ରଫୁଲ୍ଲ ସାହୁ, ଦେବାଶିଷ ସାହୁ, ପଙ୍କଜ ସାହୁ, ଭୁବନ କୁଜୁର, ରାଜୁ ସାହୁ, ସରତ ସା, ରାଜଗାଙ୍ଗପୁର ବିଧାୟକ ଡ.ସି.ଏସ. ରାଜନ ଏକ୍କା, ଶିକ୍ଷକ ଶିକ୍ଷୟିତ୍ରୀ, ବହୁ କଂଗ୍ରେସ କର୍ମୀ ଏବଂ କୁତ୍ରା ଅଞ୍ଚଳର ଗ୍ରାମବାସୀ ଶୋକ ବ୍ୟକ୍ତ କରିଛନ୍ତି। କରୋନା କଟକଣାକୁ ରକ୍ଷାକରି ବହୁତ କମ ସଂଖ୍ୟକ ଲୋକରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲା।

# ବେଧଡ଼କ ଚାଲିଛି ମୋରମ ଚାଲାଣ

- କୁତ୍ରା ରାଜସ୍ୱ ବିଭାଗ ନୀରବ
- ସରକାରଙ୍କ ଲକ୍ଷଲକ୍ଷ ଟଙ୍କାର ରାଜସ୍ୱ ହାନି

**କୁତ୍ରା, ୪।୫(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁତ୍ରା ତହସିଲ ଅଧିନ ସିଆଲଯୋର ଅଞ୍ଚଳରୁ ବେଧଡକ ଚୋରା ମୋରମ୍ ଚାଲାଣ ହେଉଛି। ଫଳରେ ସରକାରଙ୍କ ବ୍ୟାପକ ରାଜସ୍ୱହାନୀ ଘଟୁଛି। ମୋରମ ଚାଲାଣ ଯୋଗୁଁ ଅଞ୍ଚଳରେ ବଡ଼ବଡ଼ ଖାଲ, ଗର୍ତ୍ତ ସୃଷ୍ଟି ହୋଇଛି। ରାଜସ୍ୱ ବିଭାଗର ଜାଣତରେ ସମ୍ବଲପୁର ଜିଲାକୁ ମୋରମ ଚୋରା ଚାଲାଣ ହେଉଛି। ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ପାଇଁ ଦାବି ହେଉଛି।

ସୁନ୍ଦରଗଡ଼ ଜିଲା କୁତ୍ରା ତହସିଲକୁ ଲାଗି ରହିଥିବା ସମ୍ବଲପୁର ଜିଲାର ସଗରା ଅଞ୍ଚଳରେ ରେଲୱେ କାମ ଚାଲୁଛି। ଉକ୍ତ କାମ ପାଇଁ କୁତ୍ରା ତହସିଲ ଅଧିନ ସିଆଲଯୋର ଗ୍ରାମରୁ ପ୍ରତିଦିନ ବହୁ ମାତ୍ରାରେ ମୋରମ ଓ ମାଟି ଚାଲାଣ ହେଉଛି। ଏ ବାବଦରେ କୁତ୍ରା ଅତିରିକ୍ତ ତହସିଲଦାରଙ୍କୁ ଫୋନ ମାଧ୍ୟମରେ ପଚାରିବାରୁ ମୋରମ ଚାଲାଣ କଥାକୁ ସ୍ୱୀକାର କରିଥିବାବେଳେ ଖୁବଶୀଘ୍ର ରୟାଲଟି ଜମା ହେବ ବୋଲି ଉତ୍ତର ଦେଇଥିଲେ। ହେଲେ କେବେ ରୟାଲଟି ଜମା ହେବ କି ହେବ ନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଦାୟିତ୍ୱରେ ଥିବା ଆର୍‌ଆଇଙ୍କୁ ଫୋନ ମାଧ୍ୟମରେ ଏ ବାବଦରେ ପଚାରିବାରୁ ମନା କରିବା ସତ୍ତ୍ୱେ ମୋରମ ଚାଲାଣ ହେଉଥିବାର ଉତ୍ତର ଦେଇଥିଲେ। ଏଠି ଅତିରିକ୍ତ ତହସିଲଦାର ଓ ଆର.ଆଇଙ୍କ ଜାଣତରେ ମୋରମ ଚୋରା ଚାଲାଣ ହେଉଥିବା ତହସିଲର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଅନ୍ୟ ପକ୍ଷରେ ଏବେ କିଛି ଦିନ ପୂର୍ବେ ନୂତନ ଭାବେ ଯୋଗଦେଇଥିବା ତହସିଲଦାର ରବୀନ୍ଦ୍ର କୁମାର ସେଠୀଙ୍କୁ ଫୋନ ମାଧ୍ୟମରେ ପଚାରିବା ସହିତ ମୋରମ ଚୋରା ଚାଲାଣ ଦିଗରେ ପଦକ୍ଷେପ ନେବା ପାଇଁ ପଚାରିବାରୁ ଏ ବିଷୟରେ ଜାଣିନାହିଁ। ବୁଧବାର ଘଟଣାସ୍ଥଳକୁ ଯାଇ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉତ୍ତର ଦେଇଥିଲେ। ଏଠି ସରକାରଙ୍କ ଲକ୍ଷଲକ୍ଷ ଟଙ୍କାର ରାଜସ୍ୱ ହାନି ଘଟୁଥିବାବେଳେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।



କୁତ୍ରା ଅଞ୍ଚଳରୁ ମୋରମ ଚାଲାଣ ହେଉଛି। ଫଟୋ: ଦେବାଶୀଷ ସାହୁ।

# ଅପଡେଟ୍ ହେଲା ଦେବଗଡ଼ ୱେବ୍‌ସାଇଟ୍

**ଦେବଗଡ଼, ୪।୫ (ଡି.ଏନ.ଏ.)**

ଦେବଗଡ଼ ଜିଲା ପ୍ରଶାସନିକ, ପୋଲିସ ବିଭାଗ ସ୍ତରରେ ଅନେକ ଅଦଳବଦଳ ହୋଇସାରିଥିଲେ ମଧ୍ୟ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଥିଲା ଦେବଗଡ଼ ଜିଲା ୱେବସାଇଟ୍‌ରେ।

**ଧରିତ୍ରୀ ପ୍ରଭାବ**

ଧରିତ୍ରୀ ଖବର କାଗଜରେ ଖବର ପ୍ରକାଶ ପାଇଲା ପରେ ଦେବଗଡ଼ ୱେବସାଇଟ୍ ଅପ୍‌ଡେଟ୍ କରାଯାଇଛି। ସୂଚନାଥାଉକି ସାଧାରଣ ଜନତାଙ୍କୁ ଇଣ୍ଟରନେଟ୍ ମାଧ୍ୟମରେ ବିଭିନ୍ନ ସରକାରୀ ବେସରକାରୀ ତଥ୍ୟ ସଂଗ୍ରହ କରିବାର ସୁବିଧା ତଥା ଦେଖିବାର ବ୍ୟବସ୍ଥା ହୋଇଛି। ଏହିପରିପ୍ରେକ୍ଷୀରେ ଦେବଗଡ.ଏନ୍.ଆ।ଇସି.ଇନ୍ ମାଧ୍ୟମରେ ବିଭିନ୍ନ ସ୍କୁଲ, କଲେଜ, ଅଫିସ, ସ୍ୱାସ୍ଥ୍ୟସେବା, ବେସରକାରୀ, ସରକାରୀ ପ୍ରଶାସନିକ ସ୍ତରର ସମସ୍ତ ତଥ୍ୟ ଉପଲବ୍ଧ ହୋଇଥିବାବେଳେ ଲ ଏଣ୍ଡ୍ ଅର୍ଡର୍ ତଥା ପୋଲିସ ବିଭାଗରେ ଏହା ବ୍ୟତିକ୍ରମ ଦେଖାଦେଇଥିଲା। ନୂତନ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା ଦେବଗଡ଼ ପୌର ପରିଷଦ ନିର୍ବାହୀ ଅଧିକାରୀ ଅତସୀ ପରିଡାଙ୍କ ନାମ ଜାଗାରେ ପୂର୍ବତନ ନିର୍ବାହୀ ଅଧିକାରୀ କୁଞ୍ଜବନ ପ୍ରଧାନଙ୍କ ନାମ ଉକ୍ତ ୱେବସାଇଟ୍‌ରେ ଅପଡେଟ୍ କରାଯାଇଥିଲା। ଏପରିକି ଡିଆରଡିଏରେ ପିଡି ଭାବରେ ଦେବଗଡ ଉପଜିଲାପାଳ ଦାୟିତ୍ୱରେ ଥିବାବେଳେ ପୂର୍ବତନ ପିଡି ଭିମସେଣ୍ଟ ପୁନମକା ଏକ୍କାଙ୍କ ନାମ ଉଲ୍ଲେଖ ଥିବା ଦେଖିବାକୁ ମିଳିଥିଲା। ଦେବଗଡ଼ ପୋଲିସ ବିଭାଗର ବିଭିନ୍ନ ପାହ୍ୟାରେ ଥିବା ଅଫିସରମାନଙ୍କ ଅନ୍ୟତ୍ର ବଦଳି ହୋଇଥିଲେ ମଧ୍ୟ ଏହି ୱେବସାଇଟ୍‌ରେ ଅପଡେଟ୍ କରାଯାଇନାହିଁ। ଫଳରେ ପ୍ରଶାସନଙ୍କ ଅବହେଳା ଯୋଗୁ ଲୋକମାନଙ୍କୁ ଏମିତି ଭୁଆଁ ବୁଲାଇ ଭୁଲ ତଥ୍ୟ ପ୍ରଦାନ କରାଯାଉଥିଲା। ଫଳରେ ଧରିତ୍ରୀ ଖବର କାଗଜରେ ଖବର ପ୍ରକାଶ ପାଇଲା ପରେ ଦେବଗଡ଼ ୱେବସାଇଟ୍‌କୁ ଅପ୍‌ଡେଟ୍ କରାଯାଇଛି।




ଦେବଗଡ଼ ୱେବସାଇଟ୍ ଅପ୍‌ଡେଟ୍ ହୋଇଛି।

# ସ୍ୱେଚ୍ଛାସେବୀ କଲେ ଶିକ୍ଷକଙ୍କ ଅନ୍ତିମ ସତ୍କାର

**ଦେବଗଡ଼,୪।୫(ଡି.ଏନ୍.ଏ.)**

ଦେବଗଡ଼ ପୌରପରିଷଦ ଅନ୍ତର୍ଗତ ନୂଆଁସାହିର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ କାର୍ଯ୍ୟରତ ଥିବା ଜଣେ ଶିକ୍ଷକଙ୍କ ଅକାଳ ବିୟୋଗ ଘଟିଛି। ଶିକ୍ଷକଙ୍କ କରୋନା ଆକ୍ରାନ୍ତରେ ମୃତ୍ୟୁ ହୋଇଥିବା ସନ୍ଦେହ କରି ଶବ ସତ୍କାର ନିମନ୍ତେ ସାହିପଡ଼ିଶା କେହି ଆସି ନ ଥିଲେ। ଫଳରେ କେତେଜଣ ସ୍ୱେଚ୍ଛାସେବୀ ଯୁବକ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରିଥିଲେ। ଖବର ମୁତାବକ ଶ୍ରୀକାନ୍ତ ନନ୍ଦ(କୁଲୁ) ପୌରାଞ୍ଚଳ ଅନ୍ତର୍ଗତ ନୂଆସାହିଠାରେ ନିଜ ପରିବାର ସହ ରହି ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିକ୍ଷକତା କରୁଥିଲେ। ସେ ଗତ କିଛି ଦିନ ହେବ ଅସୁସ୍ଥ ଥିଲେ। ସୋମବାର ସକାଳେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଜିଲା ମୁଖ୍ୟ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡ଼ାକ୍ତରଖାନାରେ ନନ୍ଦଙ୍କ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଯାଇଥିଲା। ଫଳରେ ଶ୍ରୀନନ୍ଦଙ୍କ ଶବକୁ ପଡ଼ୋଶୀମାନେ କରୋନା ସନ୍ଦେହ କରି ଶ୍ମଶାନ ପର୍ଯ୍ୟନ୍ତ ନେବା ପାଇଁ ରାଜି ହୋଇ ନ ଥିଲେ। ଖବରପାଇ ଭାଜପା ଯୁବ ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଧିର କୁମାର ବ୍ରହ୍ମା, ଦୟା ଶଙ୍କର ଦ୍ୱିବେଦୀ, ମୋହନ ନାୟକ, ଶିବା ମୁଖୀ, ବାବୁନନା ପାତ୍ର, ସମୀର ଦେହୁରୀ ସ୍ୱର୍ଗତ ନନ୍ଦଙ୍କ ସମ୍ପର୍କୀୟଙ୍କ ସହିତ କୋଭିଡ୍ ନିୟମ ଅନୁଯାୟୀ ପିପିଇ କିଟ୍ ବ୍ୟବହାର କରି ପ୍ରଧାନପାଟସ୍ଥିତ ଶ୍ମଶାନ ଘାଟରେ ଶେଷକୃତ୍ୟ ସମ୍ପନ୍ନ କରିଥିଲେ।



ସ୍ୱେଚ୍ଛାସେବୀ ଯୁବକମାନେ ଶବ ସତ୍କାର କରୁଛନ୍ତି।

## କରୋନାରେ ପ୍ରଫେସର, ପୂର୍ବତନ ନାଏବ ସରପଞ୍ଚଙ୍କ ପରଲୋକ

**ବଡ଼ଗାଁ, ୪।୫ (ଡି.ଏନ.ଏ)**

ବଡ଼ଗାଁ ଅଞ୍ଚଳରେ କରୋନାରେ ପୁଣି ୨ଦିନରେ ୨ଜଣଙ୍କ ମୃତ୍ୟୁ ଘଟିଛି। ବଡ଼ଗାଁର ରମଣୀରଞ୍ଜନ ପାଣିଗ୍ରାହୀ (୫୬)ଙ୍କ କରୋନା ସଂକ୍ରମଣରେ ସୋମବାର ମୃତ୍ୟୁ ହୋଇଛି। ଗତ ୧୫ ଦିନ ପୂର୍ବେ କରୋନା ପଜିଟିଭ ଜଣାପଡିବାରୁ ରାଉରକେଲା ଜେପି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧିନ ଅବସ୍ଥାରେ ସୋମବାର ମୃତ୍ୟୁ ହୋଇଛି। ସେ ଇଂରାଜୀରେ ପିଏଚଡି କରି ରାଉରକେଲା ସଂଧ୍ୟା ସରକାରୀ ମହାବିଦ୍ୟାଳୟରେ ପ୍ରଫେସର ଥିଲେ। ସ୍କୁଲ ସମୟରୁ ଜଣେ ମେଧାବୀ ଛାତ୍ର ଭାବେ କୃତୀତ୍ୱ ଅର୍ଜନ କରିଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଗଭୀର ଶୋକପ୍ରକାଶ ପାଇଛି। ପାମରା ଗ୍ରାମର ପୂର୍ବତନ ନାଏବ ସରପଞ୍ଚ ତଥା କଂଗ୍ରେସ ଦଳର ସକ୍ରିୟ କର୍ମୀ ଯୁଗେଶ୍ୱର ରାଉତ (୫୮)ଙ୍କ ମଙ୍ଗଳବାର ସକାଳେ ମୃତ୍ୟୁ ହୋଇଛି। କିଛି ଦିନ ପୂର୍ବେ କରୋନା ପଜିଟିଭ ଚିହ୍ନଟ ହେବାରୁ ରାଉରକେଲା ଜେପି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ମଙ୍ଗଳବାର ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି।

# ବ୍ୟବସାୟୀଙ୍କ ବିୟୋଗରେ ବଣିକ ସଂଘର ଶୋକସଭା

**ଦେବଗଡ଼,୪।୫(ଡି.ଏନ.ଏ)**

ଦେବଗଡ଼ ସହରର ବରିଷ୍ଠ ବ୍ୟବସାୟୀ ଶଙ୍କର ପ୍ରସାଦ ସାହୁଙ୍କ ବିୟୋଗରେ ଦେବଗଡ ବଣିକ ସଂଘ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଗୋପାଳଜୀ ମନ୍ଦିର ପ୍ରାଙ୍ଗଣରେ ବଣିକ ସଂଘ ସଭାପତି ଉମାଶଙ୍କର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶୋକସଭାରେ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ଆଚାର୍ଯ୍ୟ, ହରେକୃଷ୍ଣ ସାହୁ, ବୁଲୁ ଭୋଇ, ଲକ୍ଷ୍ମଣ କୁମାର ପ୍ରଧାନ, ଅନିଲ କୁମାର ଅଗ୍ରୱାଲା, ଅଜିତ କୁମାର ମୋଦୀ, ମୋହନ କୁମାର ଜେନା, ପରମାନନ୍ଦ ସାହୁ ଓ ଆଦିଆ ସାହୁଙ୍କ ସମେତ ବଣିକ ସଂଘର ବହୁ ସଦସ୍ୟ ଓ କର୍ମକର୍ତ୍ତା ଉପସ୍ଥିତ ରହି ବ୍ୟବସାୟୀ ସ୍ୱର୍ଗତଃ ସାହୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଏବଂ ପ୍ରଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶେଷରେ ସ୍ୱର୍ଗତଃ ସାହୁଙ୍କ ଅମରଆତ୍ମାର ସଦ୍‌ଗତି ନିମନ୍ତେ ୨ମିନିଟ ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ଏଠାରେ ସୂଚନା ଯୋଗ୍ୟ ଯେ, ସ୍ୱର୍ଗତଃ ସାହୁ କିଛିଦିନ ହେଲା କରୋନା ସଂକ୍ରମିତ ହୋଇ ବୁର୍ଲାର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧିନ ଥିଲେ ଓ ଗତ ୧ ତାରିଖ ତାଙ୍କର ଦେହାନ୍ତ ଘଟିଥିଲା।



ଦେବଗଡ ବଣିକ ସଂଘ ପକ୍ଷରୁ ଶୋକସଭା।

# ଆପାତକାଳୀନ ସମସ୍ୟା ନେଇ ଆଲୋଚନା

**ସୁନ୍ଦରଗଡ, ୪।୫ (ଡି.ଏନ.ଏ)**

କୌଣସି ପ୍ରକାର ଶିଳ୍ପଜନିତ କାର୍ଯ୍ୟକଳାପ ହେତୁ ଉତ୍ପନ୍ନ ହେଉଥିବା ବଡଧରଣର ଦୁର୍ଘଟଣାକୁ ପ୍ରତିରୋଧ କରିବା, ଉଭୟ ମଣିଷ ଓ ପରିବେଶ ଉପରେ ଏପରି ଦୁର୍ଘଟଣାର ପ୍ରଭାବକୁ ସୀମିତ କରିବା ଏବଂ ବିଭିନ୍ନ ନିୟନ୍ତ୍ରଣ ଉପାୟ ମଧ୍ୟରେ ତାଳମେଳ ରକ୍ଷା କରିବା ପାଇଁ ଗୁଗୁଲ ମିଟ୍‌ରେ ହୋଇଥିଲା ଜିଲା ଆପାତକାଳୀନ ବୈଠକ ବା ଡିଷ୍ଟ୍ରିକ୍ଟ କ୍ରାଇସିସ୍ ଗ୍ରୁପ (ଡିସିଜି)। ଏଥିରେ ଜିଲା ନିମି ବିସ୍ତୃତ ଅଫ୍‌- ସାଇଟ୍ ଏମରଜେନ୍ସି ପ୍ଲାନ (ଶିଳ୍ପାନୁଷ୍ଠାନ ପରିସର ବାହାର ଆପାତକାଳୀନ ଯୋଜନା) ଏବଂ ତତ୍‌ସଙ୍ଗରେ ଜିଲାର ଡିଜାଷ୍ଟର ମ୍ୟାନେଜମେଣ୍ଟ କନଟ୍ରୋଲ ପ୍ଲାନର ପ୍ରସ୍ତୁତି ଓ ତାହାକୁ ପ୍ରବର୍ତ୍ତନ କରିବାରେ ଜୋର ଦେବାକୁ କୁହାଯାଇଥିଲା। ବୈଠକର ପ୍ରାରମ୍ଭରେ ସୁନ୍ଦରଗଡ ଜିଲାପାଳ ନିଖିଳ ପୱନ କଲ୍ୟାଣ ଷ୍ଟେଟ୍ କ୍ରାଇସିସ୍ ଗ୍ରୁପ ମିଟିଙ୍ଗ ନିଷ୍ପତ୍ତି ଅନୁସାରେ ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷ ଏକ ଏମରଜେନ୍ସି ଭେହିକଲ୍ (ହାଜ୍‌କେମ୍ ଭେହିକଲ୍) ରଖିବା କଥା ଦୋହରାଇଥିଲେ। ସୁନ୍ଦରଗଡ ଜିଲାରେ ଅବସ୍ଥିତ ବିଭିନ୍ନ କଳକାରଖାନାରେ ବ୍ୟବହୃତ ରାସାୟନିକ ପଦାର୍ଥ ନିମନ୍ତେ ଏକ ଡାଟାବେସ୍ ପ୍ରସ୍ତୁତ କରାଯିବା, ପେଟ୍ରୋଲ ପମ୍ପ ଏବଂ କେମିକାଲକୁ ଅଲଗା ଅଲଗା ଭଣ୍ଡାରଣ କରାଯାଉଥିଲେ, ତାହାର ସ୍ଥିତ, ତାହାର ତଥ୍ୟ ଏବଂ ସୁରକ୍ଷା ପ୍ରତି ଧ୍ୟାନ ଦେବାକୁ ମତ ଦେଇଥିଲେ। କୌଣସି ପରିସ୍ଥିତିରେ ସୁରକ୍ଷା ସହ ଖେଳି ହେବ ନାହିଁ ଏବଂ ଡିସିଜିର୍ ଏକ ଯୁଗ୍ମ କମିଟି ସୁନ୍ଦରଗଡ ଜିଲାର ସମସ୍ତ ବିପଜ୍ଜନକ କାରଖାନା ଏବଂ ବଡଧରଣର ଦୁର୍ଘଟଣା ଆଶଙ୍କା କରାଯାଉଥିବା କାରଖାନା ପରିଦର୍ଶନରେ ଯିବେ। ନିକଟ ଅତିତରେ ଘଟିଥିବା ଦୁଃଖଦ କାରଖାନା ଦୁର୍ଘଟଣା ନଘଟିବା ପାଇଁ ଶ୍ରମିକଙ୍କୁ ତାଲିମ ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ରାଉରକେଲା ଇସ୍ପାତ କାରଖାନାର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ, ଇସ୍ପାତ କାରଖାନାର ସୁରକ୍ଷା ପରିଚାଳନା ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ଏତତ୍‌ବ୍ୟତିତ ବିଦ୍ୟୁତ ଶକ୍ତିକେନ୍ଦ୍ର ଏନଏସପିସିଏଲ ତଥା ଏନଟିପିସି ଦର୍ଲିପାଲି, ତରଳ ଅମ୍ଳଜାନ ଉତ୍ପାଦନକାରୀ ଲିଣ୍ଡେ ଇଣ୍ଡିଆ କାରଖାନା ମଧ୍ୟ ନିଜ ନିଜର ଜରୁରୀକାଳୀନ ପ୍ରସ୍ତୁତିକୁ ପିପିଟି ମାଧ୍ୟମରେ ପ୍ରଦର୍ଶିତ କରିଥିଲେ। ଶିଳ୍ପାନୁଷ୍ଠାନର ସୁରକ୍ଷା ପ୍ରତି ସେମାନଙ୍କର ପରିଚାଳନା କର୍ତ୍ତୃପକ୍ଷ ସବୁଠାରୁ ଅଧିକ ଗୁରୁତ୍ୱ ଦେଉଥିବା ନେଇ ସମସ୍ତେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏଥିସହିତ ସୁନ୍ଦରଗଡ ଜିଲାରେ ଅବସ୍ଥିତ ଅନ୍ୟାନ୍ୟ ବିପଜ୍ଜନକ କାରଖାନାରେ ମଧ୍ୟ ସମୀକ୍ଷା କରାଯାଇଥିଲା। ଏଥି ମଧ୍ୟରେ ଆଧୁନିକ ମେଟାଲିକ, ଆଇଡିଏଲ ଏକ୍ସପ୍ଲୋସିଭ୍, ଓସିଏଲ ଡାଲମିଆ ସିମେଣ୍ଟ, ମହାବୀର ଫେରୋ ଆଲଏଜ, ଶ୍ରୀ ଗଣେଶ ମେଟାଲିକ, ଜୟ ବାଲାଜୀ ଜ୍ୟୋତି, ଆଇଏଫଜିଏଲ ନିଜ ନିଜର ସୁରକ୍ଷା ଜନିତ ଖର୍ଚ୍ଚ ପରିମାଣ ବୃଦ୍ଧି କରିଥିବା ଦର୍ଶାଇଥିଲେ। ଜିଲା ପାଇଁ ଥିବା ଅଫ୍‌ସାଇଟ୍ ଏମରଜେନ୍ସି ପ୍ଲାନକୁ ଅଧୁନାତନ କରିବାକୁ ପରାମର୍ଶ ଦିଆଯାଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ, ଓସଡମା, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ତଥା ଜିଲାର ଉଚ୍ଚପଦସ୍ଥ ଅଧିକାରୀ ଯୋଗ ଦେଇଥିବା ବେଳେ ସୁନ୍ଦରଗଡ ସ୍ଥିତ ବିଭିନ୍ନ କାରଖାନାର ମୁଖ୍ୟ ଅଧିକାରୀ, ସେମାନଙ୍କର ପ୍ରତିନିଧି, ବିଶେଷଜ୍ଞ ଯୋଗଦେଇଥିଲେ। ଜିଲା ଜରୁରୀକାଳୀନ ଅଧିକାରୀ କୁନ୍ତିରାଣୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ସାପ୍ତାହିକ ହାଟରେ ଅମାନିଆଙ୍କୁ ମାସ୍କ ବଣ୍ଟନ

**କୁଆଁରମୁଣ୍ଡା,୪।୫(ଡି.ଏନ.ଏ)**

ସମ୍ପ୍ରତି ରାଜ୍ୟରେ କରୋନା ସଂକ୍ରମଣ ବୃଦ୍ଧି ଅହେତୁକ ଭାବେ ବଢି ଚାଲିଛି। ହେଲେ ଏଭଳି ବିପଦପୂର୍ଣ୍ଣ ପରିସ୍ଥିତିରେ ମଧ୍ୟ କେତେକ ଲୋକେ କୋଭିଡ୍ ନୀତିନିୟମକୁ ଅବମାନନା କରୁଛନ୍ତି। ଏଭଳି ଦୃଷ୍ଟାନ୍ତ ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ମଙ୍ଗଳବାର ସାପ୍ତାହିକ ହାଟରେ ଦେଖିବାକୁ ମିଳିଛି। ତହସିଲ ପ୍ରଶାସନ ପକ୍ଷରୁ ହାଟରେ ବୁଲି ଅମାନିଆମାନଙ୍କୁ ଠାରୁ ଜରିମାନା ମଧ୍ୟ ଆଦାୟ କରାଯାଇଛି। ହେଲେ ଏହି ସମୟରେ ଅସଚେତନ ବ୍ୟକ୍ତିମାନଙ୍କୁ ସଚେତନ କରିବା ପାଇଁ କୁଆଁରମୁଣ୍ଡା ବ୍ଲକର ଡୁମେରଯୋର ସମିତି ସଭ୍ୟ ତଥା ପୂର୍ବତନ ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର କୁଜୁର, ଜିଲା ପରିଷଦ ସଭ୍ୟ ସୁନିତା ଅହିର, ସାଗର କୁଅଁର ପ୍ରମୁଖ ଆଗେଇ ଆସିଛନ୍ତି। ହାଟରେ ବୁଲି ଯେଉଁମାନେ ମାସ୍କ ବ୍ୟବହାର କରି ନ ଥିଲେ ସେମାନଙ୍କୁ ବଣ୍ଟନ କରାଯାଇଛି। ଏହି ସମୟରେ ପୂର୍ବତନ ବିଜେଡ଼ି ବ୍ଲକ ବିଜେଡ଼ି ସଭାପତି ତଥା ସାମାଜିକ କର୍ମୀ ରାଜେନ୍ଦ୍ର କୁଜୁର ଅକ୍ସିମିଟର ସାହାର୍ଯ୍ୟରେ ଲୋକଙ୍କର ଶରୀରରେ ଅକ୍ସିଜେନସ୍ତର ମାପି ଥିଲେ। ହାଟରେ ଯାଞ୍ଚ କରୁଥିବା ରାଜସ୍ୱ କର୍ମଚାରୀଙ୍କମାନଙ୍କର ମଧ୍ୟ ଏହି ସମୟରେ ଅକ୍ସଜେନସ୍ତର ମପା ଯାଇଥିଲା। ଯେଉଁମାନଙ୍କର ଅକ୍ସଜେନସ୍ତର ୯୩ ରୁ ତଳେ ରହିବ ସେମାନେ ତୁରନ୍ତ ଡାକ୍ତରଖାନା ଯାଇ ଡାକ୍ତରଙ୍କ ସହ ଯୋଗାଯୋଗ କରିବାକୁ ବିଜେଡ଼ି ନେତା କୁଜୁର ପରାମର୍ଶ ଦେଇଥିବା ଜଣାପଡ଼ିଛି। ଏପରିକି କୁଆଁରମୁଣ୍ଡାରେ ପ୍ରତ୍ୟେହ ଲୋକମାନଙ୍କର ଅକ୍ସିଜେନସ୍ତର ବିନାମୂଲ୍ୟରେ ମାପିବା ପାଇଁ କୁଜୁର ଏକ ଅକ୍ସିମିଟରର ଯନ୍ତ୍ର ନିକଟସ୍ଥ ସ୍ୱେଚ୍ଛାସେବୀ ସାଗର କୁଅଁରଙ୍କୁ ପ୍ରଦାନ କରିଥିବା କହିଛନ୍ତି।



ହାଟରେ ମାସ୍କ ବଣ୍ଟନ କରାଯାଉଛି।

## ବଡଗାଁ ବ୍ଲକରେ ୩୩ ପଜିଟିଭ

**ବଡଗାଁ, ୪।୫ (ଡି.ଏନ.ଏ)**

ବଡଗାଁ ବ୍ଲକରେ କରୋନା ସଂକ୍ରମଣ ସାମାନ୍ୟ ହ୍ରାସ ପାଇଥିଲେ ମଧ ମଙ୍ଗଳବାର କରୋନା ଟେଷ୍ଟରେ ୧୬୫ ଆଣ୍ଟିଜିନ ଟେଷ୍ଟରୁ ୩୩ ଓ ୬ ଜଣ ଆରଟିପିସିଆର ଟେଷ୍ଟରେ ପଜିଟିଭ ଚିହ୍ନଟ ହୋଇଥିବା ଜଣାପଡ଼ିଛି।

**ମହାନଦୀ କୋଲଫିଲ୍ଡସ ଲିମିଟେଡ୍**
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯,
ୱେବ୍‌ସାଇଟ୍ :www.mahanadicoal.in
MCL

ସନ୍ଦର୍ଭ ସଂଖ୍ୟା:MCL/HQ/EE/2021/Medical/594 ତା.30.04.2021ରିଖ

**ଏମ୍‌ସିଏଲ୍ ରେ ଚୁକ୍ତି ଭିତ୍ତିରେ ଅସ୍ଥାୟୀ ଡାକ୍ତରଙ୍କ ଆବଶ୍ୟକତା ନିମନ୍ତେ ସୂଚନା**

ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ) ଅସ୍ଥାୟୀ/ଚୁକ୍ତି ଭିତ୍ତିରେ ଏମ୍‌ସିଏଲ୍ / କୋଇଲା କ୍ଷେତ୍ର ର ହସ୍ପିଟାଲ / ଡିସ୍ପେନସରୀ ଠାରେ କାର୍ଯ୍ୟ କରିବା ନିମନ୍ତେ ସମର୍ପିତ ଏବଂ ଉଦ୍ୟମୀ ଡାକ୍ତରଙ୍କ ଆବଶ୍ୟକତା ରହିଛି। ଚୟନ ପ୍ରକ୍ରିୟା ଭିଡ଼ିଓ କନଫ୍ରେସିଂ ର ମାଧ୍ୟମରେ ବ୍ୟକ୍ତିଗତ ସାକ୍ଷାତକାର ନିର୍ଦ୍ଧାରଣ କରାଯାଇଛି। ସାକ୍ଷାତକାର ପରୀକ୍ଷାର ତାରିଖ **20.05.2021** ଦିନ ନିର୍ଦ୍ଧାରିତ କରାଯାଇଅଛି। ବିଜ୍ଞାପନ ର ବିସ୍ତୃତ ବିବରଣୀ **Careers@mcl -> Career News -> Recruitment** ର ଅଧିନ ୱେବ୍‌ସାଇଟ୍ **www.mahanadicoal.in** ରେ ଦେଖାଯାଇ ପାରିବ।

ସ୍ୱା/-
ମହାପ୍ରବନ୍ଧକ (କାର୍ମିକ-ଅ.ସ୍ଥା)
ଏମ୍‌ସିଏଲ୍, ବୁର୍ଲା, ସମ୍ବଲପୁର
(R-5050)

**କେଜି ସୋମାନୀ ଇନ୍‌ସଲ୍‌ଭେନ୍ସି ପ୍ରଫେସନାଲ୍ସ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ବିକ୍ରୟ ବିଜ୍ଞପ୍ତି**

**ପରିସମାପନଧୀନ କେଭିକେ ନୀଳାଚଳ ପାୱାର ପ୍ରାଇଭେଟ୍ ଲିମିଟେଡ୍**
**ଇ-ନିଲାମ ପାଇଁ ତାରିଖ ବୃଦ୍ଧି ସମ୍ବନ୍ଧୀୟ ବିଜ୍ଞପ୍ତି**

ଏତଦ୍ୱାରା ସମସ୍ତଙ୍କୁ ସୂଚିତ କରାଯାଉଛି ଯେ କରୋନା ମହାମାରୀର ଦ୍ୱିତୀୟ ଲହର କାରଣରୁ, **ପରିସମାପନଧୀନ ମେସର୍ସ କେଭିକେ ନୀଳାଚଳ ପାୱାର ପ୍ରାଇଭେଟ୍ ଲିମିଟେଡ୍‌ର ଚାଲୁ ବ୍ୟବସାୟ ଭିତ୍ତିରେ ତଥା "ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ", "ଯେପରି ଅଛି ଯାହା ଅଛି ଭିତ୍ତିରେ", "ସେଠାରେ ଯାହା ବି ଅଛି ଭିତ୍ତିରେ"** ଏବଂ **"ବିନା ଅବଲମ୍ବନ ଭିତ୍ତିରେ"** ବ୍ୟବସାୟର ବିକ୍ରୟ ପାଇଁ ଇ-ନିଲାମ, ଯାହା ମୂଳତଃ ୧୯ ଏପ୍ରିଲ, ୨୦୨୧ରେ ଅନୁଷ୍ଠିତ ହେବା ପାଇଁ ଧାର୍ଯ୍ୟ ହୋଇଥିଲା ଏବଂ ବୁଧବାର, ୫ ମେ, ୨୦୨୧କୁ ବୃଦ୍ଧି ହୋଇଥିଲା, ତାହାକୁ ପୁନର୍ବାର **ଶନିବାର, ୫ ଜୁନ୍, ୨୦୨୧** କୁ ବୃଦ୍ଧି କରାଯାଇଛି ଏବଂ ସେହି ଅନୁଯାୟୀ ଦସ୍ତାବିଜ ଏବଂ ଇଏମ୍‌ଡି ଦାଖଲର ଶେଷ ତାରିଖକୁ ବର୍ତ୍ତମାନ **ଗୁରୁବାର, ୩ ଜୁନ୍, ୨୦୨୧**କୁ ସଂଶୋଧନ କରାଯାଇଛି।
ଅନ୍ୟ ସମସ୍ତ ନିୟମ ଓ ସର୍ତ୍ତାବଳୀ ସମାନ ଓ ଅପରିବର୍ତ୍ତିତ ରହିବ। ନିୟମ ଓ ସର୍ତ୍ତାବଳୀ ସମ୍ବଳିତ ଇ-ନିଲାମ ପ୍ରକ୍ରିୟା ସୂଚନା ଦସ୍ତାବିଜ ୱେବ୍‌ସାଇଟ୍: **www.kvknilachalpower.com, https://right2vote.in** ତଥା **www.kgsip.com**ରେ ମଧ ଉପଲବ୍ଧ।
କୌଣସି ସ୍ପଷ୍ଟୀକରଣ ପାଇଁ, ନିମ୍ନପ୍ରଦତ୍ତ ବିବରଣୀରେ ଯୋଗାଯୋଗ କରନ୍ତୁ।

**ରାଜେନ୍ଦ୍ର ପ୍ରସାଦ ଟାକ - ପରିସମାପକ**
ଆଇବିବିଆଇ ପଞ୍ଜୀକରଣ ନଂ.: ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୦୫୨୬/୨୦୧୭-୧୮/୧୦୯୫୧
**କେଜି ସୋମାନୀ ଇନ୍‌ସଲ୍‌ଭେନ୍ସି ପ୍ରଫେସନାଲ୍ସ ପ୍ରାଇଭେଟ୍ ଲିମିଟେଡ୍**
ଠିକଣା: ୩/୧୫, ୪ର୍ଥ ମହଲା, ଅସଫ ଅଲି ରୋଡ୍, ନୂଆଦିଲ୍ଲୀ-୧୧୦୦୦୨,
ଇମେଲ୍ ଆଇଡି **kvknilachalkgs2019@gmail.com,**
ଯୋଗାଯୋଗ ନମ୍ବର: ୦୧୧-୪୧୪୨୬୨୬୨, ୦୧୧-୨୩୨୭୭୬୭୭, ୯୩୧୩୧୦୨୫୫୨

## ୯୯ ଜଣରୁ ୩୯ କରୋନା ପଜିଟିଭ ଚିହ୍ନଟ

**ଲହୁଣୀପଡା, (ଡି.ଏନ.ଏ):** ସୁନ୍ଦରଗଡ ଜିଲା ଲହୁଣୀପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ମଙ୍ଗଳବାର କରୋନା ପରୀକ୍ଷା କରାଯାଇଥିଲା । ଏଥିରେ ୯୯ ଜଣଙ୍କର ଆଣ୍ଟିଜେନ୍ ଟେଷ୍ଟ କରାଯାଇଥିବା ବେଳେ ସେଥି ମଧ୍ୟରୁ ୩୯ ଜଣଙ୍କର ପଜିଟିଭ ଚିହ୍ନଟ ହୋଇଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ରାଶନ ଦୋକାନ ସିଲ୍

**ବ୍ରଜରାଜନଗର, ୪।୫ (ଡି.ଏନ.ଏ.):** ବ୍ରଜରାଜନଗର ଥାନାଠାରୁ ଶହେ ମିଟର ଦୂରରେ ଥିବା ଗୁରୁନାନକ ଛକ ସମ୍ମୁଖ ଗୋଏଲ ପୂଜା ଓ ରାଶନ ଷ୍ଟୋରକୁ କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ୭ଦିନ ପାଇଁ ପ୍ରଶାସନ ପକ୍ଷରୁ ସିଲ୍ କରିଦିଆଯାଇଛି। ବୁଧବାରଠାରୁ ହେବାକୁ ଥିବା ଲକ୍‌ଡାଉନକୁ ଦୃଷ୍ଟିରେ ରଖି ଥାନା ଆଇଆଇସି ନଳିତା ମୋଦୀ, ନିର୍ବାହୀ ଅଧିକାରୀ ବିନୟ ପଟେଲ, ତହସିଲଦାର ରବୀନ୍ଦ୍ର ରଣବିଡା ସହରରେ ବୁଲି ବ୍ୟବସାୟୀଙ୍କୁ ସଚେତନ କରାଉଥିଲେ। ଗୋଏଲ ଷ୍ଟୋର ଭିଡ ଦେଖି ହଜାରେ ଟଙ୍କା ଜରିମାନା କରିବା ସହ ସାମାଜିକ ଦୂରତା ମାନିବାକୁ ତାଗିଦ୍ କରିଥିଲେ। ଘଟଣାର ୨ ଘଣ୍ଟା ପରେ ଝାରସୁଗୁଡା ଏସ୍‌ପି ବିକାଶ ଦାଶ ପହଞ୍ଚି ଦୋକାନ ପୂର୍ବ ପରି ଭିଡ ଥିବା ଦେଖି ସିଲ୍ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

### କଂଗ୍ରେସ ତରଫରୁ କୋଭିଡ୍ ହେଲ୍ପ ସେଣ୍ଟର ଖୋଲିଲା

**ବ୍ରଜରାଜନଗର, ୪।୫ (ଡି.ଏନ.ଏ):** ବ୍ରଜରାଜନଗର ସହରାଞ୍ଚଳର ମହାନ୍ତି କ୍ଲିନିକ୍‌କୁ କଂଗ୍ରେସ ତରଫରୁ କୋଭିଡ୍ ହେଲ୍ପ ସେଣ୍ଟର କରାଯାଇଛି। ଝାରସୁଗୁଡା ଜିଲା କଂଗ୍ରେସ ସଭାପତି ଭରତ ଅଗସ୍ତି ଏହି ସେଣ୍ଟରକୁ ଉଦ୍‌ଘାଟନ କରିଥିଲେ। ଏହା ମାଧମରେ ଗରିବ ଲୋକଙ୍କୁ ଖାଦ୍ୟ ପ୍ରଦାନ ସହ ଅର୍ଥ ଆକାରରେ ସାହାଯ୍ୟ କରାଯିବ ଏବଂ ଡାକ୍ତରଖାନାରେ ଆଡମିଶନ୍ ବ୍ୟବସ୍ଥା କରାଯିବ ବୋଲି ବରିଷ୍ଠ ସଭ୍ୟ ଜୀବନ ସାର୍ଥକ ଦାସ ପ୍ରକାଶ କରିଛନ୍ତି। ୫ ଗୋଟି ଅକ୍ସିଜେନ୍ ସିଲିଣ୍ଡରର ବ୍ୟବସ୍ଥା ମଧ ରହିଛି। କାର୍ଯ୍ୟକ୍ରମରେ ସନ୍ତୋଷ ବଡପଣ୍ଡା, ଦେବେଶ ପଣ୍ଡା, ସୁନୀଲ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏଆଇସିସି ଓ ପିସିସି ନିର୍ଦ୍ଦେଶକ୍ରମେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।

### ଝାରସୁଗୁଡ଼ା କୋଭିଡ୍ ହସ୍ପିଟାଲରେ ପହଞ୍ଚିଲା ୫ ଭେଣ୍ଟିଲେଟର

**ଝାରସୁଗୁଡ଼ା ଅଫିସ,୪।୫:** କରୋନା ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ଝାରସୁଗୁଡ଼ା ଜିଲାରେ ଏକମାତ୍ର କୋଭିଡ୍ ହସ୍ପିଟାଲ୍ କାର୍ଯ୍ୟ କରୁଛି। ଏଠାରେ ୧୨୦ଶଯ୍ୟା ରହିଥିବାବେଳେ ୧୦ ଆଇସିୟୁ ଓ ଭେଣ୍ଟିଲେଟର ସୁବିଧା ରହିଛି। ତେବେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଅଧିକ ଶଯ୍ୟା, ଆଇସିୟୁ, ଭେଣ୍ଟିଲେଟର ଆବଶ୍ୟକତା ରହିଛି । ଏହାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ତରଫରୁ ମଙ୍ଗଳବାର ହସ୍ପିଟାଲକୁ ଅଧିକ ୫ ଭେଣ୍ଟିଲେଟର ଆସିଛି। ଯେଉଁ ଗୁରୁତର ଆକ୍ରାନ୍ତମାନେ ଏଠାରେ ଆଇସିୟୁ ବର୍ଥ ପାଇପାରୁ ନ ଥିଲେ ସେମାନଙ୍କୁ ଆନ୍ତଃଜିଲା ସ୍ଥାନାନ୍ତର ପାଇଁ ସୁନ୍ଦରଗଡ ଓ ସମ୍ବଲପୁର ସହିତ ସହବନ୍ଧିତ କରାଯାଇଛି । ଏହା ସହିତ ୩ ସ୍ୱାବ୍ ତାଲିମପ୍ରାପ୍ତ ନର୍ସଙ୍କୁ ନିୟୋଜିତ କରାଯାଇଛି । ଏ ନେଇ ଜିଲାପାଳ ସରୋଜ କୁମାର ସାମଲ ଟୁଇଟ୍ ଯୋଗେ ସୂଚନା ଦେଇଛନ୍ତି।

### ଝାରସୁଗୁଡ଼ା ଡିଇଓ ଭାବେ ସୁନ୍ଦରଗଡ଼ ଡିଇଓଙ୍କ ଅତିରିକ୍ତ ଦାୟିତ୍ୱ

**ଝାରସୁଗୁଡ଼ା ଅଫିସ,୪।୫:** ଝାରସୁଗୁଡା ଜିଲା ଶିକ୍ଷାଧିକାରୀ (ଡିଇଓ) କଳ୍ପନା ପଣ୍ଡା କରୋନାରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ଗତ ରବିବାର ମୃତ୍ୟୁବରଣ କରିଥିଲେ। ଫଳରେ ଏହି ପଦବୀ ଖାଲି ରହିଥିଲା । ଏହି ସ୍ଥାନରେ ସୁନ୍ଦରଗଡ ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡଙ୍ଗୀଙ୍କୁ ଶିକ୍ଷା ବିଭାଗ ତରଫରୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ଷଡଙ୍ଗୀ ମଙ୍ଗଳବାର ଝାରସୁଗୁଡାରେ ପହଞ୍ଚି ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ସମୟରେ ଡିଇଓ କାର୍ଯ୍ୟାଳୟର ଜିଲା ବିଜ୍ଞାନ ନିରୀକ୍ଷକ ଜ୍ଞାନରଞ୍ଜନ ମିଶ୍ର, ଜିଲା କ୍ରୀଡା ନିରୀକ୍ଷକ ଉମ୍ବରୁଧର ପୂଜାରୀ ପ୍ରମୁଖ ଉପସ୍ଥିତଥିଲେ ।

### ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କ ପରଲୋକ

**ସମ୍ବଲପୁର, ୪।୫ (ବ୍ୟୁରୋ):** ସମ୍ବଲପୁର ସାକ୍ଷୀଗୋପୀନାଥ ପଡା ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତା ମିଶ୍ରଙ୍କ ସୋମବାର ପରଲୋକ ହୋଇଯାଇଛି। ତାଙ୍କୁ ୬୯ ବର୍ଷ ହୋଇଥିଲା। ବୁଢ଼ାରଜା ପାହାଡ ପାଦଦେଶସ୍ଥିତ ଶାନ୍ତିଧାମଠାରେ ଅନ୍ତେଷ୍ଟିକ୍ରିୟା ସମ୍ପନ୍ନ ହୋଇଛି। ତାଙ୍କ ପରଲୋକରେ ସମ୍ବଲପୁର ସହରର ବିଭିନ୍ନ ଶିକ୍ଷକ ସଂଘ ଓ ସମ୍ବଲପୁର ନାଗରିକ କଲ୍ୟାଣ ସମିତି ପକ୍ଷରୁ ଶୋକ ପ୍ରକାଶ କରାଯାଇଛି।

# ଶାସନ କେନାଲ ତଳି ଅଞ୍ଚଳ ଶୁଖିଲା

- ଧାର୍ଯ୍ୟଠାରୁ ୪ ହଜାର ହେକ୍ଟର ଅଧିକ ଚାଷ
- କେନାଲ ମରାମତି ଆବଶ୍ୟକ, ଆସୁନାହିଁ ଅନୁଦାନ

**ସମ୍ବଲପୁର, ୪।୫ (ବ୍ୟୁରୋ)**


ସମ୍ବଲପୁର ଶାସନ କେନାଲରେ ପାଣି ଉଛୁଳି ରାସ୍ତା ଉପରେ ଜମିଛି।

ସମ୍ବଲପୁର ଜିଲାରେ ରବି ଚାଷ ମୁଖ୍ୟତଃ ହୀରାକୁଦ ଜଳଭଣ୍ଡାର ଉପରେ ନିର୍ଭର କରିଥାଏ। ଏହି ଜଳଭଣ୍ଡାରରୁ ଶାସନ, ପରମାଣପୁର ଓ ହୁମା ଟେଲ୍ ଆଦି ତିନୋଟି କେନାଲରେ ପାଣି ଆସି ଚାଷ ଜମିରେ ମାଡିଥାଏ। ହେଲେ ଧାନ ଖେତକୁ ପାଣି ଦରକାର ସମୟରେ ମିଳୁ ନ ଥିବା ନେଇ ବିଭିନ୍ନ ସ୍ଥାନରେ ଅଭିଯୋଗ ହୋଇଆସୁଛି। ବିଶେଷକରି ତଳମୁଣ୍ଡରେ ପାଣି ପହଞ୍ଚି ପାରୁନାହିଁ। କେନାଲର ଉପରମୁଣ୍ଡରେ ପାଣି ଉଛୁଳୁଥିବା ବେଳେ ତଳି ଅଞ୍ଚଳ ଖେତ ଶୁଖିଲା ପଡିଛି। ପାଣି ସମସ୍ୟା ଲାଗିରହିଲେ ଧାନ ପୋଲା ହୋଇଯିବ ବୋଲି ଚାଷୀମାନେ ଅଭିଯୋଗ କରୁଛନ୍ତି।

ଅଧିକ ଜମିରେ ଚାଷ ହେବା ନେଇ ସରକାର ବିଭିନ୍ନ ଯୋଜନା କରୁଛନ୍ତି। ଜଳସେଚନ, କ୍ଷୁଦ୍ର ଜଳସେଚନ, ଉଠା ଜଳସେଚନ ବିଭାଗ ପକ୍ଷରୁ ଚାଷ ଜମି ପରିମାଣ କିଭଳି ବୃଦ୍ଧି କରାଯିବ ସେ ନେଇ ଅନୁଦାନ ଦେବା ସହ ବିଭିନ୍ନ ପ୍ରକଳ୍ପ କରୁଛନ୍ତି। ହେଲେ ବାସ୍ତବରେ ଏସବୁ ଯୋଜନା ଚାଷୀମାନଙ୍କ ପାଇଁ ଲାଭଦାୟକ ହୋଇପାରୁ ନାହିଁ। ପ୍ରାୟ ୫୦ବର୍ଷ ପୂର୍ବରୁ ନିର୍ମାଣ ହୋଇଥିବା ଶାସନ କେନାଲ ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି। ସରକାର ନୂତନ ଯୋଜନାକୁ ଅନୁଦାନ ଦେଉଥିବା ବେଳେ ଶାସନ କେନାଲର ପୁନରୁଦ୍ଧାର ପାଇଁ ଅନୁଦାନ ଦିଆଯାଉ ନାହିଁ। ଜିଲା ପ୍ରଶାସନ ଓ ଜଳସେଚନ ବିଭାଗ ପକ୍ଷରୁ ଶାସନ କେନାଲ ମରାମତି ପାଇଁ ଡିପିଆର ପ୍ରସ୍ତୁତ କରାଯାଇ ଦାଖଲ କରାଯାଇଛି। ଦୁଇବର୍ଷ ବିତିଯାଇଥିଲେ ମଧ୍ୟ ଉକ୍ତ ଯୋଜନାକୁ ମଞ୍ଜୁରୀ ମିଳିପାରୁ ନାହିଁ। ତେଣୁ ଶାସନ କେନାଲରେ ସ୍ଥାୟୀ ମରାମତି କାମ ହୋଇପାରୁ ନାହିଁ। ବିଶେଷ ଭାବେ ରବି ଫସଲ ସମୟରେ ପାଣିର ସମସ୍ୟା ଦେଖାଦେଇଥାଏ। ରବି ସମୟରେ କେନାଲରେ ସଫା ପାଣି ପ୍ରବାହିତ ହେଉଥିବାରୁ କେନାଲ ଭିତରେ ଶିଉଳି ହୋଇଯାଉଛି। ପ୍ରତିଦିନ ୨ରୁ ୩ ସେଣ୍ଟିମିଟର୍ ଶିଉଳି ବଢୁଛି। ତେଣୁ ପାଣି ପ୍ରବାହିତ ହେବାରେ ସମସ୍ୟା ହେଉଛି। ଶାସନ କେନାଲରେ ୬୩୦ ଫୁଟ ଜଳସ୍ତର ପ୍ରବାହିତ ହେବାର କ୍ଷମତା ରହିଛି। ହେଲେ ବାସ୍ତବରେ ତା'ଠାରୁ ଅଧିକ ଜଳ ପ୍ରବାହିତ ହେଉଥିବା ଜଳସେଚନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ଜିଲାରେ ଖରିଫରେ ୨୬ ହଜାର ହେକ୍ଟର ଚାଷ ହୋଇଥାଏ। ନିୟମ ଅନୁସାରେ ଶାସନ କେନାଲ ଅଧୀନରେ ଖରିଫ ଚାଷର ୬୦ ପ୍ରତିଶତ ଅର୍ଥାତ୍ ପ୍ରାୟ ୧୪ ହଜାର ୫୦୦ ହେକ୍ଟର ଜମି ରବିରେ ଚାଷ କରିବାକୁ ଧାର୍ଯ୍ୟ ହୋଇଥିଲା। ସେଥିରେ ଧାନ ସମେତ ମୁଗ, ବିରି ଭଳି ଡାଲିଜାତୀୟ ଫସଲ ଓ ରାଶି, ଶୋରିଷ ଭଳି ତୈଳ ଜାତୀୟ ଫସଲ ସହ ପନିପରିବା ରହିଛି। ହେଲେ ବର୍ତ୍ତମାନ ପ୍ରାୟ ୧୮ ହଜାର ହେକ୍ଟର ଧାନ ଚାଷ କରାଯାଉଥିବା ଅନୁମାନ କରାଯାଇଛି। ଅଣକମାଣ୍ଡ ଅଞ୍ଚଳରେ ପ୍ରାୟ ସାଢ଼େ ୩ ହଜାର ହେକ୍ଟର ଧାନଚାଷ ହେଉଛି। ତେଣୁ ପାଣି ମାଡିବାରେ ତଳି ଅଞ୍ଚଳରେ ସମସ୍ୟା ଦେଖାଦେଇଛି। ଏ ସମ୍ପର୍କରେ ଜଳସେଚନ ବିଭାଗ ନିର୍ବାହୀଯନ୍ତ୍ରୀ ପ୍ରମୋଦ ପଣ୍ଡା କହିଛନ୍ତି, ଶାସନ କେନାଲର ଅବସ୍ଥା ବିପଦସଙ୍କୁଳ ରହିଛି। ମରାମତି କରିବା ନିହାତି ଆବଶ୍ୟକ। ଆବଶ୍ୟକତା ଅନୁସାରେ ମରାମତି ପାଇଁ ଅନୁଦାନ ଆସୁନାହିଁ। ଅଧିକ ଜମିରେ ଚାଷ ହେଉଥିବାରୁ ତଳି ଅଞ୍ଚଳରେ ପାଣି ସମସ୍ୟା ଦେଖାଦେଉଛି। ଅନେକ ସ୍ଥାନରେ ବେଆଇନ ଭାବେ କେନାଲରୁ ପାଣି ପମ୍ପ ଲଗାଇ ପନିପରିବା ଚାଷ କରାଯାଉଛି। ତେଣୁ କେତେକ ଜମିରେ ପାଣି ସମସ୍ୟା ଦେଖାଦେଉଥିବା ଅଭିଯୋଗ ହେଉଛି ବୋଲି କହିଥିଲେ। ସୂଚନାଯୋଗ୍ୟ ଯେ, ଶାସନ କେନାଲରେ ମୋଟ ୮୦ କି.ମି.ର ମୁଖ୍ୟ କେନାଲ ରହିଛି। ଏହାସହ ଶାଖା କେନାଲ ଓ କରନାଳ ପ୍ରାୟ ୩୦୦ କି.ମି. ରହିଛି। ଉକ୍ତ କେନାଲର କେତେକ ସ୍ଥାନରେ ମରାମତି ଆବଶ୍ୟକ ରହିଛି।

## ବସ୍‌ରେ ଶିଶୁପୁତ୍ର ପ୍ରସବ କଲେ ମହିଳା

**ଲହୁଣୀପଡା, ୪।୫ (ଡି.ଏନ.ଏ)**

ଲହୁଣୀପଡା ବ୍ଲକ କଦଳୀକୁଦର ପଞ୍ଚାୟତ ରଞ୍ଜା ଗ୍ରାମର ଜଣେ ଆଦିବାସୀ ମହିଳା ବସ୍ ଭିତରେ ଏକ ଶିଶୁପୁତ୍ର ଜନ୍ମ ଦେଇଛନ୍ତି। ସୂଚନା ଅନୁଯାୟୀ ରଞ୍ଜା ଗ୍ରାମର ସାମୁଏଲ ମୁଣ୍ଡା ତାଙ୍କ ସ୍ତ୍ରୀ ସାଲାନି ମୁଣ୍ଡା (୨୦) ରହନ୍ତି। ସାଲାନି ଗର୍ଭବତୀ ଥିବାବେଳେ ସୋମବାର ସ୍ୱାମୀ ସାମୁଏଲଙ୍କୁ ଏ ବିଷୟରେ କହିଥିଲେ। ସ୍ୱାମୀ ଗ୍ରାମର ଆଶା କର୍ମୀଙ୍କୁ ଜଣାଇବାରୁ ସେ ଦେହ ଭଲ ନାହିଁ କହି ଏଡାଇ ଯାଇଥିଲେ। ସ୍ୱାମୀ ସ୍ତ୍ରୀଙ୍କୁ ଧରି ବସ ଯୋଗେ ରାଉରକେଲା ଡାକ୍ତରଖାନା ଯାଇଥିଲେ। ସେଠାରେ ଡାକ୍ତର ଦେଖିବା ପରେ ଅପରେସନ ସହ କରୋନା ଟେଷ୍ଟ କରିବାକୁ ପଡିବ ବୋଲି କହିବାରୁ ସାମୁଏଲ ନିରୁପାୟ ହୋଇ ସ୍ତ୍ରୀଙ୍କୁ ଧରି ଘରକୁ ଫେରୁଥିଲେ। ରାଉରକେଲା ଆରଜିଏଚ ଛକରୁ ପାଲଲହଡା ଯାଉଥିବା ଓଆର୍ ୧୪ ୱାଇ ୦୯୭୪ ଶ୍ରୀ ଜଗନ୍ନାଥ ନାମକ ବସ ଯୋଗେ ଫେରୁଥିବାବେଳେ ଲହୁଣୀପଡା ଛକରେ ବସ ଛିଡା ହୋଇଥିଲା। ସ୍ତ୍ରୀ ସାଲାନି ପ୍ରସବ ବେଦନା ପାଇ ବସ ଭିତରେ ସିଟ ଉପରେ ଏକ ଶିଶୁ ପୁତ୍ର ଜନ୍ମ ଦେଇଥିବା ଜଣାପଡିଛି। ବସ କର୍ମଚାରୀମାନେ ତୁରନ୍ତ ବସକୁ ଲହୁଣୀପଡା ଡାକ୍ତରଖାନା ଆଣି ମା' ଏବଂ ଶିଶୁ ପୁତ୍ରକୁ ଭର୍ତ୍ତି କରିଥିଲେ। ଶିଶୁ ପୁତ୍ର ଏବଂ ମା' ସୁସ୍ଥ ଥିବା ଜଣାପଡିଛି।

# ଦସ୍ତଖତ ସଂଗ୍ରହ ଅଭିଯାନ ଆରମ୍ଭ


ଦସ୍ତଖତ ସଂଗ୍ରହ ଅଭିଯାନରେ ସାମିଲ ହୋଇଥିବା କେନ୍ଦୁପତ୍ର ତୋଳାଳି।

## କେନ୍ଦୁପତ୍ର ଉପରୁ ଜିଏସ୍‌ଟି ପ୍ରତ୍ୟାହାର ଦାବି

**ନାକଟିଦେଉଳ,୪।୫(ଡି.ଏନ.ଏ.)**

କେନ୍ଦ୍ର ସରକାର କେନ୍ଦୁପତ୍ର ଓ ବିଡ଼ି ଉପରେ ଲଗାଇଥିବା ଜିଏସ୍‌ଟି ପ୍ରତ୍ୟାହାର ଦାବିରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ରାସ୍ତାକୁ ଓହ୍ଲାଇଛି। ମେ' ୧ତାରିଖ ବିଶ୍ୱ ଶ୍ରମିକ ଦିବସକୁ କଳା ଦିବସ ଭାବେ ମଧ ପାଳନ କରାଯାଇଛି। ଏହି ଅବସରରେ କର୍ମଚାରୀ ସଂଘ ପକ୍ଷରୁ ବିଭିନ୍ନ ଫଡ଼ିଘର ସମ୍ମୁଖରେ ଧାରଣା ଦିଆଯାଇଥିଲା। କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେବା ପାଇଁ ତୋଳାଳିମାନଙ୍କଠାରୁ ଦସ୍ତଖତ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି।

ସମ୍ପ୍ରତି କେନ୍ଦ୍ର ସରକାର କେନ୍ଦୁପତ୍ର ଉପରେ ୧୮ଭାଗ ଜିଏସ୍‌ଟି ଲାଗୁ କରିଛନ୍ତି। ୨୦୧୭ ମସିହାରୁ ଏହା ଲାଗୁ ହୋଇଥିବା ବେଳେ କେନ୍ଦୁପତ୍ର ସଂଗ୍ରହକାରୀ ସଂସ୍ଥା, ବିଡ଼ି କମ୍ପାନୀ, ଏଥିରେ ସମ୍ପୃକ୍ତ ପ୍ରାୟ ୧୨ଲକ୍ଷ ବିଡ଼ି ଶ୍ରମିକ, କର୍ମଚାରୀ, ସିଜନାଲ କର୍ମଚାରୀଙ୍କ ଉପରେ ପ୍ରଭାବ ପକାଉଛି। ବିଡ଼ି ଉପରେ ୨୮ପ୍ରତିଶତ ଜିଏସ୍‌ଟି ସହ ୫ପ୍ରତିଶତ ପରିବହନ ଟିକସ ଲାଗୁ କରାଯାଇଛି। ୨୦୧୭ଠାରୁ ୨୦୨୦ ମସିହା ପର୍ଯ୍ୟନ୍ତ ୩ବର୍ଷରେ ୩୧୧କୋଟି ୧୨ଲକ୍ଷ ୬୫ହଜାର ଟଙ୍କାର ଜିଏସ୍‌ଟି କେନ୍ଦୁପତ୍ର ଉପରୁ ଆଦାୟ ହୋଇଛି। ଏହି ଟିକସ ସରକାରୀ ପରିଚାଳିତ ବ୍ୟବସ୍ଥାରୁ ଆଦାୟ ହେଉଥିଲେ ମଧ୍ୟ ବିଡ଼ି କର୍ମଚାରୀ ଓ ତୋଳାଳିମାନଙ୍କର କୌଣସି ଲାଭ ହେଉନାହିଁ । କେନ୍ଦୁପତ୍ର ଉପରେ ଶତକଡା ୧୮ଭାଗ ଓ ସେଥିରୁ ତିଆରି ହେଉଥିବା ବିଡ଼ି ଉପରେ ଶତକଡ଼ା ୨୮ଭାଗ ଏହିପରି ସମୁଦାୟ ୪୬ଭାଗ ଟିକସ ଦେବାକୁ ପଡୁଛି। ଜଙ୍ଗଲ ଅଧିକାର ଆଇନ ଓ ପେସା ଆଇନ ଅଧିକାର ପାଇଥିବା ଆଦିବାସୀ ମହିଳା ଓ ଶ୍ରମିକମାନଙ୍କୁ ସେମାନଙ୍କ ଅଧିକାରରୁ ଏହି ଟିକସ ବଞ୍ଚିତ କରୁଛି। କାରଣ କେନ୍ଦୁପତ୍ର ବିକ୍ରିରୁ ଯେଉଁ ଲାଭ ମିଳନ୍ତା ଓ ଏହାର ଭାଗୀଦାରି ଭାବେ ଯେଉଁମାନେ ଏହି ଲାଭ ପାଇବା କଥା ସେମାନେ ପାଇପାରୁ ନାହାନ୍ତି ବୋଲି ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଅଭିଯୋଗ କରିଛି। ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଆହ୍ୱାନକ୍ରମେ ସାରା ରାଜ୍ୟରେ ଚାଲିଥିବା ଆନ୍ଦୋଳନ ପରିପ୍ରେକ୍ଷୀରେ ସଂଘର ରାଜ୍ୟ ସମ୍ପାଦକ ତଥା ଶ୍ରମିକ ନେତା ଅନାଦି ଚରଣ ସାହୁଙ୍କ ନେତୃତ୍ୱରେ ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକର କିସିଣ୍ଡା, ଶିମିଳିପାଳ, ନାକଟିଦେଉଳ କେନ୍ଦୁପତ୍ର ରେଞ୍ଜ ଅନ୍ତର୍ଗତ ସମସ୍ତ ଫଡ଼ିରେ ତୋଳାଳିମାନଙ୍କଠାରୁ ଦସ୍ତଖତ ସଂଗ୍ରହ ଅଭିଯାନ ଜାରି ରହିଛି।

## ମେଡିସିନ ୱାର୍ଡରୁ ୧୭ ସଂକ୍ରମିତ ଚିହ୍ନଟ

**ଦେବଗଡ଼, ୪।୫(ଡି.ଏନ.ଏ)**

ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ମେଡିସିନ ୱାର୍ଡରୁ ସୋମବାର ରାତିରେ ୧୭ ସଂକ୍ରମିତ ଚିହ୍ନଟ ପରେ ସେମାନଙ୍କୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟା ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ୫ଶହରୁ ଊର୍ଦ୍ଧ୍ୱ ଲୋକଙ୍କ ପରୀକ୍ଷା କରାଯାଇଥିବାବେଳେ ଶତାଧିକ କରୋନା ସଂକ୍ରମିତ ଚିହ୍ନଟ ହୋଇଥିଲେ। ସରକାରୀ ଭାବେ ଜିଲାରୁ ୯୮ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ନେଇ ସୂଚନା ଦିଆଯାଇଛି। ସୋମବାର ଜିଲା ମୁଖ୍ୟ ଚିକିତ୍ସାଳୟ ମେଡିସିନ ୱାର୍ଡରୁ ୧୭ ସଂକ୍ରମିତ ଚିହ୍ନଟ ହେବା ସହ ଡାକ୍ତରଖାନାର ଜଣେ ସେବିକା ସଂକ୍ରମିତ ହୋଇଥିବା ଜଣାପଡିଛି। ଗୋଟିଏ ଦିନରେ ୧୭ଜଣ କରୋନା ସଂକ୍ରମିତ ଚିହ୍ନଟ ହେବା ଘଟଣା ପ୍ରଥମ ହୋଇଥିବାବେଳେ ଉକ୍ତ ୱାର୍ଡରେ ଥିବା ଅନ୍ୟ ରୋଗୀମାନେ ଏହି ଘଟଣା ପରେ ଆତଙ୍କିତ ହୋଇପଡିଥିଲେ। ତେବେ ଡାକ୍ତରଖାନା କର୍ତ୍ତୃପକ୍ଷ ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରୁ ଗୁରୁତରଙ୍କୁ କୋଭିଡ କେୟାର ଏବଂ ସାମାନ୍ୟ ସଂକ୍ରମିତମାନଙ୍କୁ ଗୃହ ସଙ୍ଗରୋଧରେ ପଠାଇଥିବା ଜଣାପଡିଛି। ମେଡିସିନ ୱାର୍ଡରୁ ୧୭ କରୋନା ସଂକ୍ରମିତ ଚିହ୍ନଟ ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉକ୍ତ ୱାର୍ଡକୁ ସାନିଟାଇଜ କରାଯାଇଥିବାବେଳେ ମଙ୍ଗଳବାର ସକାଳେ ମଧ ଡାକ୍ତରଖାନା ପରିସରକୁ ସାନିଟାଇଜ କରାଯାଇଥିବା ଦେଖିବାକୁ ମିଳିଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ସଂକ୍ରମିତ ଚିହ୍ନଟ ପରେ ମଧ ଆହୁରି ଅନେକ ଚିହ୍ନଟ ହେବାର ଆଶଙ୍କା ରହିଛି।

## ୩ ମଦ ଦୋକାନକୁ ଜରିମାନା


ଝାରସୁଗୁଡା ସହରର ଏକ ବିଦେଶୀ ମଦ ଦୋକାନରେ ଗ୍ରାହକଙ୍କ ଭିଡ ।

**ଝାରସୁଗୁଡ଼ା ଅଫିସ,୪।୫**

ଝାରସୁଗୁଡା ଜିଲାରେ ମଦ ଦୋକାନ ନୂଆ ଟେଣ୍ଡର ହେଲା ପରେ ୩ଦିନ ଧରି ଦୋକାନସବୁ ବନ୍ଦଥିଲା। ଏହା ମଙ୍ଗଳବାରଠାରୁ ଖୋଲିଛି। ସରକାର ବୁଧବାରଠାରୁ ୧୪ଦିନିଆ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ଏହି ସମୟରେ ମଦ ଦୋକାନ ବନ୍ଦ ରହିବ ବୋଲି କୁହାଯାଇଛି। ଏଥିପାଇଁ ସକାଳେ ଝାରସୁଗୁଡାରେ ଥିବା ବିଦେଶୀ ମଦ ଦୋକାନରେ ଗ୍ରାହକଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ବ୍ୟବସାୟୀ ଓ ଗ୍ରାହକ କୋଭିଡ୍ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରିଥିଲେ। ଏ ଖବର ଜିଲା ପ୍ରଶାସନ ନିକଟରେ ପହଞ୍ଚିବା ପରେ ଉପଜିଲାପାଳ ଶିବ ଟପ୍ପୋ ଓ ଆଇଆଇସି ସାବିତ୍ରୀ ବଳ ପ୍ରମୁଖ ପହଞ୍ଚି ସମ୍ପୃକ୍ତ ମଦ ବ୍ୟବସାୟୀଙ୍କ ଉପରେ ଜରିମାନା କରିଥିଲେ। ସରବାହାଲ ବିଦେଶୀ ମଦ ଦୋକାନ ୨୦ହଜାର, ମୁଖ୍ୟସହର ବିଦେଶୀ ମଦ ଦୋକାନ ୧୫ହଜାର ଓ ବେହେରାମାଲ ବିଦେଶୀ ମଦ ଦୋକାନ ୧୦ହଜାର ଟଙ୍କା ଜରିମାନା ଦେଇଥିବା ଜଣାପଡିଛି।

## ସୁନେଲି ଜିଏମ୍‌ୟୁ ସ୍ନାତକୋତ୍ତର ସଂସ୍କୃତ ବିଭାଗୀୟ ମୁଖ୍ୟ

**ସମ୍ବଲପୁର, ୪।୫ (ବ୍ୟୁରୋ)**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ସ୍ନାତକୋତ୍ତର ସଂସ୍କୃତ ବିଭାଗୀୟ ମୁଖ୍ୟ ଭାବେ ଡ. ସୁନେଲି ଦେଈ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଭାଗର ଉନ୍ନତି ସାଙ୍ଗକୁ ଛାତ୍ରୀଛାତ୍ରଙ୍କ ପାଠପଢ଼ା ମାନର ଯେଭଳି ଉନ୍ନତି ହେବ ସେ ଉପରେ ଗୁରୁତ୍ୱ ଦେବେ ବୋଲି ସେ କହିଛନ୍ତି। ସେମିନାର ସମ୍ପାଦକ ସୌମ୍ୟରଞ୍ଜନ ବଡପଣ୍ଡା, ଡ. ସସ୍ମିତା ପତି, ଡ. ପ୍ରଶାନ୍ତ କୁମାର ସେଠୀ, ଡ. ସାଲ ବେଶ୍ରା ପ୍ରମୁଖ ସୁନେଲିଙ୍କୁ ସ୍ୱାଗତ କରିଥିଲେ। ସୂଚନାଯୋଗ୍ୟ ଗତ ସପ୍ତାହରେ ସଂସ୍କୃତ ବିଭାଗୀୟ ମୁଖ୍ୟ ପ୍ରଫେସର ସଚ୍ଚିଦାନନ୍ଦ ମହାପାତ୍ରଙ୍କ କାର୍ଯ୍ୟକାଳ ଶେଷ ହୋଇଥିଲା। କୁଳପତି ଏନ୍ ନାଗାରାଜୁଙ୍କ ଚୟନ ପରେ କୁଳସଚିବ ଗିରିଶ ଚନ୍ଦ୍ର ସିଂ ବିଭାଗୀୟ ମୁଖ୍ୟ ଭାବେ ସୁନେଲିଙ୍କୁ ପତ୍ର ପ୍ରଦାନ କରିଥିଲେ।

## କୋଭିଡ୍ କଟକଣା ଖୋଲା ଉଲ୍ଲଂଘନ

**ଝାରସୁଗୁଡ଼ା ଅଫିସ,୪।୫**

କରୋନା ସଂକ୍ରମଣକୁ ଦୃଷ୍ଟିରେରଖି ସରକାର ବୁଧବାରରୁ ୧୪ଦିନିଆ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ଏହି ସମୟରେ ଜରୁରୀ ସେବା ଓ ନିତ୍ୟବ୍ୟବହାର ସାମଗ୍ରୀ ଦୋକାନ ନିର୍ଦ୍ଦିଷ୍ଟ ସମୟ ପାଇଁ ଖୋଲା ରହିବ ବୋଲି ପ୍ରଶାସନ ତରଫରୁ ଘୋଷଣା କରାଯାଇଛି। ଲୋକଙ୍କ ଅବଗତିପାଇଁ ମାଇକ୍ ଯୋଗେ ପ୍ରଚାର କରାଯାଉଛି। ତଥାପି ଲୋକେ ଜିନିଷପତ୍ର ମିଳିବା ନ ମିଳିବା ଦ୍ୱନ୍ଦ୍ୱରେ ରହି ପନିପରିବା, ରାଶନ ସାମଗ୍ରୀ ଆଦି କିଣିବାପାଇଁ ଦୋକାନ ବଜାରକୁ ଆସି ଭିଡ ଜମାଉଛନ୍ତି। ଏଭଳି ସ୍ଥିତି ଜିଲାର ଝାରସୁଗୁଡ଼ା, ବ୍ରଜରାଜନଗର ଓ ବେଲପାହାଡ ଆଦି ସହରରେ ଦେଖିବାକୁ ମିଳିଛି। ଜିଲା ପ୍ରଶାସନ ଓ ପୋଲିସର ମିଳିତ ସ୍କ୍ୱାଡ୍ ବିଭିନ୍ନ ଅଞ୍ଚଳକୁ ଯାଇ ତଦାରଖ କରୁଛନ୍ତି। କେତେକ ସ୍ଥାନରେ ଆଇନ୍ ଉଲ୍ଲଂଘନ କରୁଥିବା ଦୋକାନକୁ ସିଲ୍ ଓ ଜରିମାନା ମଧ୍ୟ କରାଯାଇଛି। ଏହାର ତଦାରଖ ପାଇଁ ଏସ୍‌ପି ବିକାଶ ଚନ୍ଦ୍ର ଦାସ ଜିଲାର ପ୍ରତ୍ୟେକ ଥାନାକୁ ନିର୍ଦ୍ଦେଶ ଦେବା ସହ ନିଜେ ବିଭିନ୍ନ ଅଞ୍ଚଳ ଗସ୍ତକରି ସ୍ଥିତି ଅନୁଧ୍ୟାନ କରୁଛନ୍ତି।


ବ୍ରଜରାଜନଗରରେ ସ୍ଥିତି ଅନୁଧ୍ୟାନ କରୁଛନ୍ତି ଏସ୍‌ପି।

# ବୈଠକ ସକାରାତ୍ମକ, ନିଷ୍ପତ୍ତିକୁ ଅପେକ୍ଷା

**ସମ୍ବଲପୁର,୪।୫(ବ୍ୟୁରୋ)**


ବୈଠକରେ ଉପସ୍ଥିତ ଏସ୍‌ୟୁ ଅଧିକାରୀ ଓ କର୍ମଚାରୀ ସଂଘ କର୍ମକର୍ତ୍ତା।

**ଏସ୍‌ୟୁ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଘଟଣା**
- କୁଳପତି, ସରକାରଙ୍କ ପାଖକୁ ପଠାଯିବ ପ୍ରସ୍ତାବ
- କୋଭିଡ୍ ପାଇଁ ଆନ୍ଦୋଳନ ସ୍ଥଗିତ

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏସ୍‌ୟୁ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଥିବାବେଳେ ମଙ୍ଗଳବାର ସାମାଧାନ ପାଇଁ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି। କର୍ମଚାରୀଙ୍କ ଦାବି ଅନୁସାରେ କୁଳପତି ସଞ୍ଜୀବ ମିତ୍ତଲଙ୍କ ଅନୁପସ୍ଥିତିରେ ବୈଠକ ହୋଇଥିଲା। ଏଥିରେ ରେଜିଷ୍ଟ୍ରାର ସୀତାରାମ ପଟେଲ, ସିଣ୍ଡିକେଟ ସଦସ୍ୟ ଏ.କେ. ବେହେରା, ସୁଟାର ସଭାପତି ଏସ୍.ଏନ୍. ନାୟକ, ଭାବାନୀ ବାଗ, କର୍ମଚାରୀ ସଂଘ ସଭାପତି ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ, ପୂର୍ବତନ କୁଳପତି ଆଦିତ୍ୟ ପ୍ରସାଦ ପାଢୀ, ପୂର୍ବତନ ଏମ୍‌ପି ଭବାନୀ ଶଙ୍କର ହୋତା, ସତ୍ୟନାରାୟଣ କର, ନିରୁପମା ନାଏକ, ଦିଲୀପ ବଡପଣ୍ଡା, ବିଶ୍ୱନାଥ ଧର, ପ୍ରହଲାଦ ରନା ପ୍ରମୁଖ ଉପସ୍ଥିତ ରହିଥିଲେ। ବୈଠକରେ ଆତ୍ମାହୁତି ଦେଇଥିବା ଦୀନବନ୍ଧୁ ମିଶ୍ରଙ୍କ ପରିବାରକୁ ୧୫ଲକ୍ଷ କ୍ଷତିପୂରଣ ଦେବା, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ ଅନୁମୋଦନ କରିବା, ଅନ୍ୟ ଦୁଇ କର୍ମଚାରୀଙ୍କ ପରିବାରକୁ ସମାନ ଭାବେ କ୍ଷତିପୂରଣ ପ୍ରଦାନ, କୁଳପତି ମିତ୍ତଲଙ୍କୁ ବାଧ୍ୟତାମୂଳକ ଛୁଟି ପ୍ରଦାନ, ଘଟଣାର ବିଚାର ବିଭାଗୀୟ ତଦନ୍ତ, ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ କରିବା ଆଦି ଦାବି ଉପସ୍ଥାପନ କରାଯାଇଥିଲା। ଏହି ଦାବିଗୁଡିକ ଉପରେ ପ୍ରସ୍ତାବ ରାଜ୍ୟ ସରକାର ଓ ରାଜ୍ୟପାଳଙ୍କୁ ପାଖକୁ ଅନୁମୋଦନ ପାଇଁ ପଠାଯାଇ ପରବର୍ତ୍ତି ନିଷ୍ପତ୍ତିକୁ ଅପେକ୍ଷା କରାଯିବ ବୋଲି କୁହାଯାଇଛି।

ଏ ସମ୍ପର୍କରେ କର୍ମଚାରୀ ସଂଘ ସଭାପତି ବିଧାୟିକା ପାଣିଗ୍ରାହୀ କହିଥିଲେ, ବୈଠକ ସକାରାତ୍ମକ ହୋଇଛି। ଏସ୍‌ୟୁ କ୍ଷମତା ଭିତରେ ଥିବା କେତେକ ଦାବି ସମାଧାନ ହୋଇଯିବ। ଅନ୍ୟ ଦାବିଗୁଡିକ ଅନୁମୋଦନ ପାଇଁ ସରକାରଙ୍କ ପାଖକୁ ଏସ୍‌ୟୁ ପଠାଇବ। ଆତ୍ମହତ୍ୟା କରିଥିବା ଅନ୍ୟ ୨ ପରିବାରକୁ ସହାୟତା ଦିଆଯିବାକୁ ପ୍ରସ୍ତାବ ଦିଆଯାଇଥିଲା। କୋଭିଡ୍ କଟକଣା ପାଇଁ ଆନ୍ଦୋଳନ ସ୍ଥଗିତ ରଖାଯାଉଛି। ଆଗାମୀ ଦିନରେ ପୁଣି ଆନ୍ଦୋଳନ କରାଯିବ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ଏପ୍ରିଲ ୨୦ରେ ଦୀନବନ୍ଧୁ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଦେଇଥିଲେ। କ୍ଷତିପୂରଣ ଅନ୍ୟାନ୍ୟ ଦାବି ନେଇ ପରିବାର ଓ ଏସ୍‌ୟୁ କର୍ମଚାରୀ ସଂଘ ମୃତଦେହ ରଖି ଆନ୍ଦୋଳନ ଚଳାଇଥିଲେ। ଅନ୍ୟପଟେ ଦୀନବନ୍ଧୁଙ୍କ ପୁଅ ଅଭିଷେକଙ୍କ ଅଭିଯୋଗ କ୍ରମେ କୁଳପତି ମିତ୍ତଲ ଓ ଅନ୍ୟ ଦୁଇ କର୍ମଚାରୀଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ସେମାନଙ୍କୁ ଏବେ ହାଇକୋର୍ଟରୁ ଆଗୁଆ ଜାମିନ ମିଳିଛି।

**ବୃଦ୍ଧାଙ୍କ ମୃତଦେହ ଜବତ**

**ଜୁନାଗଡ଼, (ଡି.ଏନ.ଏ.) :** କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅନ୍ତର୍ଗତ ମହିଚଲା ହାଇସ୍କୁଲ ନିକଟରେ ମଙ୍ଗଳବାର ଜଣେ ବୃଦ୍ଧାଙ୍କ ମୃତଦେହ ସ୍ଥାନୀୟ ପୋଲିସ ଜବତ କରିଛି। ବର୍ତ୍ତମାନ ସୁଦ୍ଧା ବୃଦ୍ଧାଙ୍କ ପରିଚୟ ମିଳିପାରିନାହିଁ। ବୃଦ୍ଧା ଜଣକ ଗତ କିଛି ଦିନ ହେଲା କେଉଁ ଆଡୁ ଆସି ଅଞ୍ଚଳର ଚାରିଆଡେ ବୁଲାବୁଲି କରୁଥିଲେ। ରାତିରେ ମହିଚଲା ଗ୍ରାମ ହାଇସ୍କୁଲ ନିକଟରେ ଥିବା ପଡ଼ିଆରେ ରହୁଥିଲେ। ଏହି ସମୟରେ ସ୍ଥାନୀୟ ଲୋକଙ୍କ ସହ ସରପଞ୍ଚ ଅଜୟ ବେହେରା ଖାଇବାକୁ ଦେଉଥିଲେ।

## ସଂକ୍ଷେପରେ

### କୋଭିଡ୍ ନିୟମ ଉଲ୍ଲଂଘନ କରି ମଦ କାରବାର

**ନୂଆପଡ଼ା ଅଫିସ/ଖଡ଼ିଆଳ,୪।୫ (ଡି.ଏନ.ଏ.):** ନୂଆପଡା ଜିଲା ଖଡିଆଳ ବ୍ଲକ ଭୁଲିଆସିକୁଅଁ ଶବରପଡାରେ ଘନଶ୍ୟାମ ବାରିକ କୋଭିଡ୍ ନିୟମ ଉଲ୍ଲଂଘନ କରି ଜଳଖିଆ ଦୋକାନରେ ମଦ ବିକ୍ରି କରି ଭିଡ କରୁଥିବା ଅଭିଯୋଗ ପରେ ସୋମବାର ସନ୍ଧ୍ୟାରେ ଚଢ଼ାଉ କରାଯାଇଥିଲା। ଖଡିଆଳ ପୋଲିସ ଓ ତହସିଲଦାରଙ୍କ ଚଢ଼ାଉ ପରେ ଦୋକାନୀ ସେମାନଙ୍କୁ ଗାଳିଗୁଲଜ କରିବା ସହ ତହସିଲଦାରଙ୍କୁ ମାରିବାକୁ ଗୋଡାଇଥିଲେ। ପରେ ପୋଲିସ ତାଙ୍କୁ କାବୁ କରିଥିଲେ। ଦୋକାନରୁ ୩୦୪ଟି ବିଦେଶୀ ମଦ ବୋତଲ, ୨୮ଟି ପାଉଚ ମଦ ଗୋଟିଏ ଫ୍ରିଜର ଓ ଧାରୁଆ ଅସ୍ତ୍ର ଜବତ କରାଯାଇଥିଲା। ପରେ କରୋନା ଟେଷ୍ଟରେ ଘନଶ୍ୟାମ କୋଭିଡ୍ ପଜିଟିଭ ହେବାରୁ ତାଙ୍କୁ କୋଭିଡ୍ କେୟାର ସେଣ୍ଟରକୁ ପଠାଯାଇଛି। ତାଙ୍କ ବିରୋଧରେ ଖଡିଆଳ ଥାନାରେ ଏକ ମାମଲା ରୁଜୁ ହୋଇଛି ବୋଲି ଆଇଆଇସି କୈଳାଶ ଚନ୍ଦ୍ର ସେଠୀ ପ୍ରକାଶ କରିଛନ୍ତି।

### ରବି ଧାନକୁ କାଳ କାଳବୈଶାଖୀ

**ଅତାବିରା, ୪।୫ (ଡି.ଏନ.ଏ):** ବରଗଡ଼ ଜିଲା ଅତାବିରା ଓ ଭେଡେନ ବ୍ଲକ ଅଞ୍ଚଳରେ ଗତ ସୋମବାର ରାତିରେ ଝଡବତାସ ସହ ବର୍ଷା ହୋଇଛି। ବର୍ଷା ହେବାରୁ ତାତିରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ମାତ୍ର କେତେକ ଚାଷୀଙ୍କ ଅମଳ ଧାନ ଭିଜି ନଷ୍ଟ ହୋଇଛି। ରାତି ପାହିଲେ ଅତାବିରା ଆରଏମ୍‌ସିର ବିଭିନ୍ନ ମଣ୍ଡି ଖୋଲିବ। ଏହାପୂର୍ବରୁ କାଳବୈଶାଖି ଯୋଗୁ ଚାଷୀମାନେ ଚିନ୍ତିତ ହୋଇପଡିଛନ୍ତି। କରୋନା ଯୋଗୁ ଚଳିତବର୍ଷ ରବି ଧାନ ଅମଳରେ ଶ୍ରମିକ ଅଭାବ ଦେଖାଦେଇଛି। ଅଣଜଳସେଚିତ ଅଞ୍ଚଳରୁ ଅତାବିରା ଅଞ୍ଚଳକୁ ଏପ୍ରିଲ ମାସ ଶେଷ ସପ୍ତାରେ ଶ୍ରମିକମାନଙ୍କ ସୁଅ ଛୁଟିଥାଏ। ହେଲେ ଏଥର ଲକଡାଉନ ଯୋଗୁ ଧାନ ଅମଳ କରିବାରେ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେବେ। ତେବେ ପ୍ରତ୍ୟେକ ମଣ୍ଡିରେ ପର୍ଯ୍ୟାପ୍ତ ପରିମାଣର ତାରପୋଲିନ ମହଜୁଦ ଥିବା ଆରଏମ୍‌ସି ସମ୍ପାଦକ ପ୍ରଦୀପ କୁମାର ବେସନ କହିଛନ୍ତି।

### କାର୍ଯ୍ୟରେ ଯୋଗଦେଲେ ଉପଜିଲାପାଳ

**ବଲାଙ୍ଗୀର ଅଫିସ, ୪।୫:** ବଲାଙ୍ଗୀରର ନୂଆ ଉପଜିଲାପାଳ ଲମ୍ବୋଦର ଧରୁଆ ମଙ୍ଗଳବାର କାର୍ଯ୍ୟରେ ଯୋଗଦେଇଛନ୍ତି । ଆଜି ଦାୟିତ୍ୱ ଗ୍ରହଣ ପରେ ସେ କୋଭିଡ ସ୍ଥିତି ଓ ବୁଧବାରଠାରୁ ଆରମ୍ଭ ହେବାକୁ ଥିବା ୧୪ ଦିନିଆ ଲକ୍‌ଡାଉନ୍ ପ୍ରସ୍ତୁତି କାର୍ଯ୍ୟକୁ ତଦାରଖ କରିଛନ୍ତି । ସହରର



ବିଭିନ୍ନ ସ୍ଥାନ ବୁଲିବା ସହ କିଭଳି ଭାବେ କୋଭିଡ ଲକ୍‌ଡାଉନ୍‌କୁ ପାଳନ କରାଯିବ ସେ ଉପରେ ତଦାରଖ କରିଥିଲେ । ଏହା ପୂର୍ବରୁ ଧରୁଆ ସୁନ୍ଦରଗଡ ସବ୍‌ଡେଗା ବିଡିଓ ଭାବେ କାର୍ଯ୍ୟ କରୁଥିଲେ । ବଲଙ୍ଗୀର ଉପଜିଲାପାଳ ଭାବେ ଯୋଗଦେବା ପରେ ଆଗାମୀ ଦିନରେ କୋଭିଡ ସଂକ୍ରମଣ ସ୍ଥିତିକୁ କାବୁ କରିବା ଦିଗରେ ଅଧିକ ଜନସଚେତନତା ଏବଂ ଜନସହଯୋଗ ଉପରେ ଗୁରୁତ୍ୱ ଦେବେ ବୋଲି ସେ କହିଛନ୍ତି ।

### ଧର୍ମପ୍ରାଣା ମହିଳାଙ୍କ ପରଲୋକ

**ବଲାଙ୍ଗୀର ଅଫିସ, ୪।୫:** ବଲାଙ୍ଗୀର ଜିଲା ବନ୍‌ଛୋରପାଲି ଗ୍ରାମର ଧର୍ମପ୍ରାଣା ମହିଳା ତୁଳସା ବନ୍‌ଛୋର (୭୦)ଙ୍କ ସୋମବାର ରାତିରେ ପରଲୋକ ଘଟିଛି । ସେ କିଛି ଦିନ ହେଲା ଅସୁସ୍ଥ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପୁଅ, ଝିଅ, ଜ୍ୱାଇଁ ଓ ନାତିନାତୁଣୀ ଉପସ୍ଥିତ ଥିଲେ। ସ୍ୱର୍ଗତା ତୁଳସା ହେଉଛନ୍ତି ଲୋୟର ସୁକ୍‌ତେଲ ବୁଡିଅଞ୍ଚଳ ସଂଗ୍ରାମ ପରିଷଦର ସଂଗ୍ରାମୀ ନେତା ସ୍ୱର୍ଗତ ପରମେଶ୍ୱର ବନ୍‌ଛୋରଙ୍କ ସ୍ତ୍ରୀ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ବଡପୁଅ ଚାଷୀନେତା ସତ୍ୟ ବନ୍‌ଛୋର ମାଟି ଦେଇଥିଲେ।



# ଉଇ ଲାଗି ନଷ୍ଟ ହେଉଛି କେନ୍ଦୁପତ୍ର

**କେସିଙ୍ଗା, ୪।୫ (ଡି.ଏନ.ଏ.)**



ଉଇ ଖାଇ ନଷ୍ଟ ହୋଇଥିବା କେନ୍ଦୁପତ୍ର।

**କେସିଙ୍ଗା ରେଞ୍ଜ ଅଧୀନ**

- ୧ କୋଟି ୫ ଲକ୍ଷ କେରି କ୍ରୟ କରିବା ଧାର୍ଯ୍ୟ
- ୩ ଲକ୍ଷ ୭୦ ହଜାର କେରି କ୍ରୟ
- ତୋଳାଳି ଶୋଷଣର ଶିକାର
- କର୍ମଚାରୀଙ୍କ ଅବହେଳାରୁ ଔଷଧ ପ୍ରୟୋଗରେ ବିଳମ୍ବ

କଳାହାଣ୍ଡି ଜିଲା କେସିଙ୍ଗା ସହରଠାରୁ ଏକ କି.ମି. ଦୂର କେନ୍ଦୁପତ୍ର କେନ୍ଦ୍ରୀୟ ଗୋଦାମ ପଛ ପଟେ ଏପ୍ରିଲ ୧୩ରୁ କେନ୍ଦୁପତ୍ର କ୍ରୟ କରାଯାଇଛି। କେସିଙ୍ଗା କେନ୍ଦୁପତ୍ର କେନ୍ଦ୍ରୀୟ କାର୍ଯ୍ୟାଳୟ ଅଧୀନରେ ୬୦ଟି କେନ୍ଦୁପତ୍ର ଗୋଦାମ ଗୃହ (ଫଡି) ରହିଛି। ଚଳିତବର୍ଷ କେସିଙ୍ଗା ରେଞ୍ଜ ଅଧୀନ ୬୦ଟି କେନ୍ଦୁପତ୍ର ଫଡିରେ ୧ କୋଟି ୫ ଲକ୍ଷ କେରି କ୍ରୟ କରିବା ଧାର୍ଯ୍ୟ ରଖାଯାଇଛି। ସେଥିମଧ୍ୟରୁ ୩ ଲକ୍ଷ ୭୦ ହଜାର କେରି କ୍ରୟ କରାଯାଇଛି। କେସିଙ୍ଗାସ୍ଥିତ କେନ୍ଦୁପତ୍ର କେନ୍ଦ୍ରୀୟ ଗୋଦାମ ପକ୍ଷରୁ ୭୦ ହଜାର କେରି କ୍ରୟ କରାଯାଇଛି। ଏଥି ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ଶୁଖା ଯାଇଥିବା କେନ୍ଦୁପତ୍ରରେ ଉଇ ଲାଗି ନଷ୍ଟ ହୋଇଯାଇଛି। କେନ୍ଦୁପତ୍ର କ୍ରୟ ଦିନଠାରୁ ୪ ଦିନ ଧରି ଗୋଟିଏ ପଟେ ଆଉ ୪ ଦିନ ଅନ୍ୟପଟେ ଶୁଖା ଯାଇଥାଏ । କେନ୍ଦୁପତ୍ର କେନ୍ଦ୍ରୀୟ ଗୋଦାମ ପଛପଟେ କ୍ରୟ କରାଯାଇଥିବା କେନ୍ଦୁପତ୍ରରେ ଉଇ ଲାଗି ନଷ୍ଟ ହୋଇଗଲାଣି। କର୍ମଚାରୀମାନେ ଔଷଧ ପ୍ରୟୋଗ କରୁ ନ ଥିବା ଯୋଗୁ ନଷ୍ଟ ହେବାରେ ଲାଗିଛି। ପଶ୍ଚିମ ଓଡିଶାର ସବୁଜହୀରା କୁହାଯାଉଥିବା କେନ୍ଦୁପତ୍ରରୁ ରାଜ୍ୟ ସରକାର କୋଟି କୋଟି ଟଙ୍କା ରାଜସ୍ୱ ପାଉଛନ୍ତି। କେସିଙ୍ଗା କେନ୍ଦୁପତ୍ର ବିଭାଗ କର୍ମଚାରୀମାନଙ୍କ ଶ୍ରମିକ ମାରଣନରତି ଯୋଗୁ ତୋଳାଳିମାନେ ଶୋଷଣର ଶିକାର ହେଉଛନ୍ତି। କେନ୍ଦୁପତ୍ର ତୋଳିବା ପାଇଁ ଯୁବତୀ, ଯୁବକ, ମହିଳା, ପୁରୁଷମାନେ ସକାଳୁ ଉଠି ନିକଟସ୍ଥ ବଜ୍ରଗଡ ଜଙ୍ଗଲକୁ ଯାଇ ପରିବାର ସହିତ ମିଶି ବିଡା ବିଡା ବାନ୍ଧି ଫଡିରେ ବିକ୍ରି କରିଥାନ୍ତି। ପ୍ରତି ବିଡାରେ ଦୁଇଟି ଆବରଣ ପତ୍ର ସହ କୋଡିଏ ପତ୍ର (୨୦) ଦେବା ସରକାରୀ ନିୟମ ରହିଛି। କିନ୍ତୁ କେସିଙ୍ଗା ରେଞ୍ଜ ଅଧୀନ ୬୦ଟି ଫଡିରେ ୨୦ଟି ବଦଳରେ ଆବରଣପତ୍ର ସହ ୨୨ଟି ପତ୍ର ଶ୍ରମିକମାନଙ୍କଠାରୁ ନିଆଯାଉଛି। ଫଳରେ ଶ୍ରମିକମାନେ ଅଧିକ ୨ଟି ପତ୍ର ଦେଇ ଶୋଷଣର ଶିକାର ହେଉଛନ୍ତି। କେରି ପିଛା ୨ଟି ପତ୍ର ଅଧିକ ନେଉଛନ୍ତି। ତୋଳାଳିଙ୍କୁ ବ୍ୟାପକ କ୍ଷତି ସହିବାକୁ ପଡୁଛି। ଏ ନେଇ କେସିଙ୍ଗା କେନ୍ଦୁପତ୍ର ବିଭାଗ ରେଞ୍ଜର ଦୈତାରୀ ନାଏକଙ୍କୁ ପଚାରିବାରୁ କେନ୍ଦୁପତ୍ରରେ ଔଷଧ ସିଞ୍ଚନ କରାଯିବ ଏବଂ ଶ୍ରମିକଙ୍କ କଥା ବିଚାର କରିବି ବୋଲି ପ୍ରକାଶ କରିଥିଲେ।

# ଶବ ସତ୍କାର କଲେ ସ୍ୱେଚ୍ଛାସେବୀ

**ମୁଖାଗ୍ନି ଦେଲେ ଝିଅ**

**ଲୋଇସିଂହା,୪।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଦୁମଦୁମି ଗ୍ରାମରେ ସୋମବାର ବିଶ୍ୱାମିତ୍ର ଛତ୍ରିଆ(୬୫)ଙ୍କ ମୃତ୍ୟୁ ଘଟିଛି। ମୃତ୍ୟୁ ପରେ ପରେ ତାଙ୍କ ସାହି ପଡିଶା କୌଣସି କାରଣରୁ ଶବ ସତ୍କାର କରିବାକୁ ରାଜି ନ ହେବାରୁ ବିଙ୍ଗହ୍ୟୁମାନ ଫାଉଣ୍ଡେସନ ସଦସ୍ୟ ପୋଲିସ ଉପସ୍ଥିତିରେ ସତ୍କାର କରିଥିଲେ। ଏକମାତ୍ର ବିବାହିତ ଝିଅ ମୁଖାଗ୍ନି ଦେଇଥିଲେ। ଖାଦ୍ୟପେୟ ନପାଇ ବିଶ୍ୱାମିତ୍ର ମୃତ୍ୟୁମୁଖରେ ପଡିଥିବା ସ୍ୱେଚ୍ଛାବୀମାନେ କହିଛନ୍ତି।

ଲୋଇସିଂହା ବ୍ଲକ କୁଟେନପାଲି ପଞ୍ଚାୟତ ଅନ୍ତର୍ଗତ ଦୁମଦୁମି ଗ୍ରାମର ବିଶ୍ୱାମିତ୍ର ଛତ୍ରିଆ। ସ୍ତ୍ରୀ ଓ ଏକମାତ୍ର ଝିଅକୁ ନେଇ ଥିଲା ତାଙ୍କ ସଂସାର। ସ୍ତ୍ରୀଙ୍କ ଦୀର୍ଘଦିନ ହେଲା ଆରପାରିକୁ ଚାଲିଗଲେଣି। ଜମିବାଡି ବିକି ଏକମାତ୍ର ଝିଅର ବାହାଘର ପରେ ସେ ନିସ୍ୱ ହୋଇ ଯାଇଥିଲେ। ବିବାହ ପରେ ଝିଅ ବି ବାପାଙ୍କୁ କୌଣସି ସହାୟତା କରି ପାରୁ ନ ଥିଲେ। ଏପରିସ୍ଥଳେ ବାର୍ଦ୍ଧକ୍ୟ ଭତ୍ତା ବାବଦ ଟଙ୍କା ଓ ଖାଦ୍ୟ ସୁରକ୍ଷା ଯୋଜନାରେ ମିଳୁଥିବା ଚାଉଳ ଥିଲା ବିଶ୍ୱାମିତ୍ର ସାହାରା। ହେଲେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ହେବା ପରେ ତାଙ୍କର ଦେଖାରେଖା କରିବାକୁ କେହି ନ ଥିଲେ। ଦୀର୍ଘଦିନ ଧରି ସେ ଗାଁ କ୍ଲବ ଘରେ ରହୁଥିଲେ। ଯେତେବେଳେ ଯିଏ ଯାହା ଦେଉଥିଲେ ଖାଉଥିଲେ, ନହେଲେ ଉପାସରେ ରହୁଥିଲେ । ସପ୍ତାହେ ତଳେ ଗାଁ ଛକ ସାପ୍ତାହିକ ବଜାରକୁ ସେ ଚାଲି ଆସିଥିଲେ। ପ୍ରବଳ ଗ୍ରୀଷ ପ୍ରବାହରେ ତାଙ୍କ ଅବସ୍ଥା ଅଧିକ ଖରାପ ହୋଇ ଯାଇଥିଲା । ରବିବାର ଫାଉଣ୍ଡେଶନ ସଦସ୍ୟମାନେ ସେଠାକୁ ଯାଇ ବିଶ୍ୱାମିତ୍ରଙ୍କୁ ଖାଦ୍ୟପେୟ ଦେଇଥିଲେ। ହେଲେ ସୋମବାର ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଦୀର୍ଘ ସମୟ ଧରି ସାହି ପଡିଶା ତାଙ୍କ ମୃତଦେହ ଉଠାଇ ନଥିବା ଜାଣି ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ ସଦସ୍ୟ ଘଟଣାସ୍ଥଳରେ ପହଞ୍ଚି ସମ୍ପର୍କୀୟ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ହେଲେ ମୃତଦେହ ଉଠାଇବାକୁ କେହି ରାଜି ହୋଇ ନ ଥିଲେ। ଖବର ପାଇ ପୁଇଁତଲା ଅଞ୍ଚଳରେ ବିବାହ କରିଥିବା ଝିଅ ଦୁମଦୁମିରେ ପହଞ୍ଚିଥିଲେ। ସ୍ୱେଚ୍ଛାସେବୀଙ୍କ ସହାୟତା ଲୋଇସିଂହା ପୋଲିସ ସହଯୋଗରେ ଅନ୍ତିମ ସଂସ୍କାର ଗାଁ ଶ୍ମଶାନରେ କରାଯାଇଥିଲା। ମୁଖାଗ୍ନି ବିଶ୍ୱାମିତ୍ରଙ୍କ ଝିଅ ଦେଇଥିଲେ ବୋଲି ବିଙ୍ଗ ହ୍ୟୁମାନ ଫାଉଣ୍ଡେସନର ଲୋଇସିଂହା ବ୍ଲକ ସଭାପତି ଅଜୟ ବେହେରା, ଜଗତପତି ଦାନୀ କହିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ଚୂଡାମଣୀ ସେଠଙ୍କୁ ପଚାରିବାରୁ ରୋଗାଗ୍ରସ୍ତ ସହ ଠିକଣା ସମୟରେ ଖାଇବାକୁ ନ ପାଇବାରେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ବିଡିଓ ରାମଚନ୍ଦ୍ର ଖାଡିଆ କହିଛନ୍ତି ଯେ, ବିଶ୍ୱାମିତ୍ର ପଞ୍ଚାୟତରୁ ଭତ୍ତା ଓ ଚାଉଳ ପାଉଥିଲେ । ଗୋଡହାତ ଫୁଲି ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବିଗିଡି କଣ ହୋଇଥିବ ବୋଲି କହିଥିଲେ।

# ୧୭ରୁ ରବି ଧାନକିଣା

**ବଲାଙ୍ଗୀର ଅଫିସ, ୪।୫**



ବଲାଙ୍ଗୀର ଜିଲାରେ ରବିଧାନ ସଂଗ୍ରହ କମିଟି ବୈଠକରେ ଉପସ୍ଥିତ ଅଧିକାରୀ।

- ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ
- ୯୩ ମଣ୍ଡି ଓ ୬ ଏସ୍‌ଏଚ୍‌ଜି ଜରିଆରେ ହେବ ଧାନକିଣା
- ସମସ୍ତ ଧାନକ୍ରୟ କେନ୍ଦ୍ରରେ ଲାଗିବ ସିସି ଟିଭି

ବଲାଙ୍ଗୀର ଜିଲା ଧାନ ସଂଗ୍ରହ କମିଟି ବୈଠକ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଜିଲାପାଳ ଚଞ୍ଚଳ ରାଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମେ ୧୭ ତାରିଖରୁ ଜିଲାରେ ମଣ୍ଡି ଜରିଆରେ ରବି ଧାନ ସଂଗ୍ରହ କରାଯିବ ବୋଲି ଘୋଷଣା କରାଯାଇଛି। ବୈଠକରେ ଲୋଇସିଂହା ବିଧାୟକ ଡ ମୁକେଶ ମହାଲିଙ୍ଗ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ, ବଲାଙ୍ଗୀର ବିଧାୟକଙ୍କ ପ୍ରତିନିଧି କୈଳାସ ମିଶ୍ର, ପାଟଣାଗଡ ଉପଜିଲାପାଳ ସୋମନାଥ ପ୍ରଧାନ, ଆଡିସନାଲ ଏସ୍‌ପି ଦିଲୀପ ପଟେଲ, ଚାଷୀ ପ୍ରତିନିଧି ଯତି ପ୍ରଧାନ, ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ, କୃଷି, ସମବାୟ, ଲିଡ ବ୍ୟାଙ୍କ, ଜିଲା ସମାଜ ମଙ୍ଗଳ ଅଧିକାରୀ ଓ ନିୟନ୍ତ୍ରିତ ବଜାର କମିଟି ଅଧିକାରୀ ଯୋଗଦାନ କରିଥିଲେ। ଯୋଗାଣ ଅଧିକାରୀ ବିକ୍ରମ ମାଝି ଜିଲାରେ ରବି ଧାନକ୍ରୟ ସକାଶେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ନିଷ୍ପତ୍ତି ଅନୁଯାୟୀ ଜିଲାରେ ୯୩ଟି ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଓ ୬ଟି ସ୍ୱୟଂ ସହାୟକ ଦଳ ଜରିଆରେ ଆସନ୍ତା ୧୭ତାରିଖରୁ ଧାନ କ୍ରୟ ଆରମ୍ଭ କରାଯିବ। ରବିଧାନ ପାଇଁ ଜିଲାରେ ୪୦୫୩ ଜଣ ଚାଷୀଙ୍କ ପଞ୍ଜୀକରଣ କରାଯାଇଛି। ରବିବାର ବ୍ୟତୀତ ଅନ୍ୟ ସବୁଦିନ ଧାନକ୍ରୟ କରାଯିବ। ପ୍ରତ୍ୟହ ସକାଳ ୭ଟାରୁ ଦିନ ୧ଟା ପର୍ଯ୍ୟନ୍ତ ଚାଷୀଙ୍କଠାରୁ ଧାନ କ୍ରୟ କରାଯିବ। ସମସ୍ତ ମଣ୍ଡି ବା ପ୍ୟାକ୍ସରେ ଧାନକିଣା ସମୟରେ କୋଭିଡ ଗାଇଡଲାଇନ୍‌କୁ କଡାକଡି ଭାବେ ପାଳନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ମଣ୍ଡିରେ ହାତ ଧୋଇବା ପାଇଁ ସାବୁନ୍ ଓ ପାଣି ବ୍ୟବସ୍ଥା, ସାନିଟାଇଜର, ଶାରୀରିକ ଦୂରତା, ମାକ୍ସ ପରିଧାନ ଉପରେ ଗୁରୁତ୍ୱ ଦିଆଯିବାକୁ କୁହାଯାଇଛି। ମଣ୍ଡିଗୁଡିକରେ ସିସିଟିଭି ବ୍ୟବସ୍ଥା ସହ ରେଜିଷ୍ଟରଗୁଡିକର ସଠିକ୍ ପରିଚାଳନା ଉପରେ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଉପଜିଲାପାଳ ଓ ମିଶନ ଶକ୍ତି ସଂଯୋଜକ ମଣ୍ଡି ଗୁଡିକୁ ପରିଦର୍ଶନ କରି ଧାନକ୍ରୟ ପ୍ରକ୍ରିୟାକୁ ତଦାରଖ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଧାନକ୍ରୟ ଉପକରଣଗୁଡିକ ଉପଲବ୍ଧ କରିବା ସହ ଆନୁସଙ୍ଗିକ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଚଳିତ ରବିଧାନ ସଂଗ୍ରହ ନିମନ୍ତେ ସାଧାରଣ ଏଫ୍‌ଏକ୍ୟୁ ମାନ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୧୮୬୮ ଟଙ୍କା ଏବଂ ଗ୍ରେଡ ଏ ଏଫ୍‌ଏକ୍ୟୁ ଧାନର କୁଇଣ୍ଟାଲ ପ୍ରତି ସର୍ବନିମ୍ନ ସହାୟକ ଦର ୧୮୮୮ ଟଙ୍କା ଧାର୍ଯ୍ୟ କରାଯାଇଛି। ଧାନର ଗୁଣବତ୍ତା ନିର୍ଦ୍ଧାରଣ କରିବା ପାଇଁ କ୍ୱାଲିଟି ଏନାଲିଷ୍ଟ ନିୟୋଜନ କରିବା ଓ ରବି ଧାନ ସଂଗ୍ରହ ସକାଶେ ଚାଷୀଙ୍କ ସଚେତନତା ସକାଶେ ଉପଜିଲାପାଳ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ରାସ୍ତାକଡ଼ରେ ମାନସିକ ବିକାରଗ୍ରସ୍ତ ମହିଳା

**ଅତାବିରା, ୪।୫ (ଡି.ଏନ.ଏ)**

ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତ ଅଞ୍ଚଳରେ କିଛିଦିନ ହେଲା ଜଣେ ଅସହାୟ ମାନସିକ ବିକାରଗ୍ରସ୍ତ ମହିଳା ଭୋକ ଉପାସରେ ବୁଲୁଥିବା ଦେଖିବାକୁ ମିଳିଛି। ମଙ୍ଗଳବାର ଗୋଡଭଗା-ତୁରୁମ ରାଜପଥ ପାର୍ଶ୍ୱରେ ଥିବା ଦେଖି ଲୋକେ ତାଙ୍କ ପରିଚୟ ଜାଣିବାକୁ ପଚାରିଯିବାରୁ ସେ କିଛି କହିପାରି ନ ଥିଲେ । ଏ ନେଇ ଦେଶଭଟିଲି ସରପଞ୍ଚ ସର୍ମିଷ୍ଠା ସାହୁଙ୍କୁ ପଚାରିଯିବାରୁ ଉକ୍ତ ମହିଳାଙ୍କ ଥଇଥାନ ବ୍ୟବସ୍ଥା କରାଯିବ ବୋଲି କହିଥିଲେ ।

# ଆରଏମ୍‌ସି ଗୋଦାମରୁ ୧୫ କୁଇଣ୍ଟାଲ ମହୁଲଫୁଲ ଚୋରି

**ଗୁଡ଼ଭେଲା, ୪।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁଷୁରା ଗୋରୁବଜାର ପଡିଆରେ ଥିବା ଆରଏମ୍‌ସି ଗୋଦାମରୁ ୧୫ କୁଇଣ୍ଟାଲ ୫୦ କେଜି ମହୁଲଫୁଲ ଚୋରି ହୋଇଥିବା ନେଇ ମଙ୍ଗଳବାର ତୁଷୁରା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚାଲିଥିବା ଏସଆଇ ତୁଳସୀ ଶବର କହିଛନ୍ତି । ପ୍ରାପ୍ତ ସୂଚନା ଅନୁଯାୟୀ ମନୋଜ ଯାଦବ ନାମକ ଜଣେ ବ୍ୟକ୍ତି ଆରଏମ୍‌ସିରେ ମହୁଲଫୁଲ ଶୁଖାଇବା ପାଇଁ ଉଡା ସୂତ୍ରରେ ନେଇଥିଲେ । ପ୍ରାୟ ତିନିହଜାର କୁଇଣ୍ଟାଲ ମହୁଲଫୁଲ କିଣି ଶୁଖାଇବା ପରେ ଆରଏମ୍‌ସି ବାରଣ୍ଡାରେ ରଖିଥିଲେ । ରାତି ଜଗୁଆଳି ଥାଇ ମଧ୍ୟ ଗତ ତା୧।୫।୨୦୨୧ରିଖରେ ୧୧କୁଇଣ୍ଟାଲ ଓ ଏହା ପରଦିନ ୪କୁଇଣ୍ଟାଲ ୫୦କେଜି ମହୁଲଫୁଲ ଚୋରି ହୋଇଯାଇଥିବା ମନୋଜ ତୁଷୁରା ଥାନାରେ ଅଭିଯୋଗ କରିଛନ୍ତି।

# ନର୍ଲା ଜିଲା କୃଷି ଅଫିସ ବିପଦସଙ୍କୁଳ



ନର୍ଲା ବ୍ଲକ ବେହେରାପାଟିଠାରେ ଥିବା ଜିଲା କୃଷି କାର୍ଯ୍ୟାଳୟ । ଅଫିସ ଭିତର କବାଟ ବିପଦସଙ୍କୁଳରେ ରହିଛି (ଇନ୍‌ସେଟ୍) ।

**ନର୍ଲା, ୪।୫ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ବେହେରାପାଟିଠାରେ ଥିବା ଜିଲା କୃଷି କାର୍ଯ୍ୟାଳୟ ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଛି। ଉକ୍ତ କାର୍ଯ୍ୟାଳୟ ଅତିବିପଦ ସଙ୍କୁଳ ଅବସ୍ଥାରେ ଥିବାରୁ ଜୀବନକୁ ପାଣି ଛଡାଇ ଭଗବାନ ଭରସାରେ ଭିତରେ କାର୍ଯ୍ୟ କରୁଥିବା ଅଧିକାରୀ ଓ କର୍ମଚାରୀମାନେ କହିଛନ୍ତି। ଉକ୍ତ କାର୍ଯ୍ୟାଳୟ କେତେ ବେଳେ ଯେ, ଗଳିପଡି ଧନଜୀବନ ନଷ୍ଟ ହେବ ତାହା କେହି କହିପାରିବେ ନାହିଁ। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେଇ ଏହାର ପଦକ୍ଷେପ ନେବେ ବୋଲି କୃଷକ ମହଲରେ ଦାବି ହେଉଛି। ସୂଚନା ଯେ, ୩୦ ବର୍ଷ ତଳେ ନର୍ଲା, ଲାଞ୍ଜିଗଡ, ମ.ରାମପୁର ଓ କର୍ଲାମୁଣ୍ଡା ୪ଟି ବ୍ଲକକୁ ନେଇ ଏହି କୃଷି ବିଭାଗ ମୁଖ୍ୟାଳୟ ନିର୍ମାଣ ହୋଇଥିଲା। ବର୍ତ୍ତମାନ ଜିଲାରେ ଜଣେ ଜିଲା ମୁଖ୍ୟ କୃଷି ଅଧିକାରୀ ଥିବା ବେଳେ ଜିଲାକୁ ୪ଟି କୃଷି ଜିଲା ଭାବେ ବିଭକ୍ତ କରାଯାଇଛି। ସେଗୁଡ଼ିକ ହେଲା ଭବାନୀପାଟଣା, ଜୁନାଗଡ, ଧର୍ମଗଡ ଓ ନର୍ଲା। ତନ୍ମଧ୍ୟରୁ ନର୍ଲା ବ୍ଲକ ବେହେରାପାଟିଠାରେ ଥିବା ଜିଲା କୃଷି କାର୍ଯ୍ୟାଳୟ ଅନ୍ୟତମ । ଏଠି ଜଣେ କୃଷି ଜିଲା ଅଧିକାରୀଙ୍କ ଅଧୀନରେ ୪ଟି ବ୍ଲକର ବିଭାଗୀୟ ସମସ୍ତ କାର୍ଯ୍ୟ ସମ୍ପାଦନ ହୋଇଥାଏ। କିନ୍ତୁ ରକ୍ଷଣବେକ୍ଷଣ ଓ ମରାମତିର ଅଭାବରୁ କୃଷକଙ୍କ ସେବା ଯୋଗାଉଥିବା ଦୀର୍ଘ ୩୦ ବର୍ଷ ତଳେ ନିର୍ମିତ କାର୍ଯ୍ୟାଳୟ ଜରାଜୀର୍ଣ୍ଣ ଭଗ୍ନନଗ୍ନ ଅବସ୍ଥାରେ ପଡି ରହିଥିବାରୁ କୃଷକଙ୍କ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। କୃଷି ବିଭାଗ ପକ୍ଷରୁ ୨୦୦୦ଠାରୁ ୨୦୧୭ ପର୍ଯ୍ୟନ୍ତ ଗ୍ରାମ୍ୟ ନିର୍ମାଣ ନିର୍ବାହୀ ଯନ୍ତ୍ରୀ କେସିଙ୍ଗାଙ୍କୁ ଜିଲା କୃଷି କାର୍ଯ୍ୟାଳୟ ନର୍ଲାକୁ ଅସୁରକ୍ଷିତ ଘୋଷଣା କରିବା ପାଇଁ ବିଭିନ୍ନ ସମୟରେ ବାରମ୍ବାର ଚିଠି ଲେଖା ଯାଇଥିଲେ ମଧ୍ୟ ଗ୍ରାମ୍ୟ ନିର୍ମାଣ ବିଭାଗ ନିର୍ବାହୀ ଅଧିକାରୀଙ୍କ ଦୃଷ୍ଟି ପଡୁନାହିଁ।

# କରୋନା କାଳର ଦେବଦୂତ ସାଜିଛନ୍ତି ଅଟୋ ଚାଳକ

**ନୂଆପଡ଼ା ଅଫିସ,୪।୫**

କୌଣସି ବ୍ୟକ୍ତି କରୋନା ପଜିଟିଭ ଚିହ୍ନଟ ହେଲେ ନିଜ ପରିବାର ସଦସ୍ୟ କେହି ମଧ୍ୟ ଛୁଅନ୍ତି ନାହିଁ। ପୁଣି କରୋନା ପଜିଟିଭଙ୍କ ମୃତଦେହକୁ ବନ୍ଧୁବାନ୍ଧବ କି ପରିବାର ଲୋକେ ଛୁଉଁନାହାନ୍ତି। କିନ୍ତୁ କରୋନା ପଜିଟିଭ ବ୍ୟକ୍ତି କିମ୍ବା ଜ୍ୱର, କାଶ ତଥା ଥଣ୍ଡାରେ ପୀଡ଼ିତାଙ୍କୁ ନିଜ ଅଟୋରେ କୋମନା ସ୍ୱାସ୍ଥ୍ୟକେନ୍ଦ୍ର ଆଣି ଟେଷ୍ଟିଂ ତଥା ଅନ୍ୟ ପରୀକ୍ଷା କରାଉଛନ୍ତି। ଅଟୋ ଚାଳକ ଜଣକ କରୋନା କାଳର ଦେବଦୂତ ସାଜିଛନ୍ତି। ନୂଆପଡା ଜିଲା କୋମନା ବ୍ଲକ କୋନାବିରା ପଞ୍ଚାୟତର ଅଟୋ ଚାଳକ ଜଣେ ଏଚ୍‌ଆଇଭି ପଜିଟିଭ। ସେ ନିଜର ଅଟୋ ଚଳାଇ ନିଜର ପରିବାର ଚଳାନ୍ତି। କିଛି ଦିନ ହେବ ନିଜ କୋନାବିରା ଦୈନିକ ଶହ ଶହ କରୋନା ପଜିଟିଭ ଚିହ୍ନଟ ହେଉଛନ୍ତି। ଜ୍ୱର, କାଶ କିମ୍ବା ଥଣ୍ଡା ପୀଡ଼ିତାଙ୍କୁ କୌଣସି ଗାଡି ମେଡିକାଲ ନେବା ପାଇଁ ମନା କରୁଥିବା ବେଳେ ଅଟୋ ଚାଳକ ଦିନରାତି ଯେତେ ବେଳେ ମଧ୍ୟ ସୂଚନା ପାଇଲେ ରୋଗୀଙ୍କ ଘରେ ପହଞ୍ଚିଯାନ୍ତି। ରୋଗୀଙ୍କୁ ଅଟୋରେ ବସାଇ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି କରୋନା ଟେଷ୍ଟ କରାନ୍ତି। ପଜିଟିଭ ଚିହ୍ନଟ ହେଲେ ମଧ୍ୟ ତାଙ୍କୁ ଘରେ ନେଇ ଛାଡ଼ି ଆସନ୍ତି। ଡାକ୍ତରଖାନା ନେବା ଆଣିବାରେ କାହାଠାରୁ ଭଡା ମାଗନ୍ତି ନାହିଁ, ଯିଏ ଦେବେ ଭଲ ନ ଦେଲେ ବି ଭଲ। ଦୀର୍ଘ ମାସେ ହେବ ଏହି ସେବା କୋନାବିରା ପଞ୍ଚାୟତବାସୀଙ୍କୁ ଯୋଗାଇ ଆସୁଛନ୍ତି। ଅଟୋ ଚାଳକ ଜଣକ କହନ୍ତି, ମୁଁ ଏଚ୍‌ଆଇଭି ପଜିଟିଭ। କେତେ ବେଳେ ମରି ଯାଇପାରେ। କିନ୍ତୁ ବଞ୍ଚିଥିବା ଯାଏ କାହାକୁ ତ ବଞ୍ଚାଇ ପାରିବି। ତାଙ୍କର ଏଭଳି କାମକୁ ଅନେକ ଲୋକ ପ୍ରଶଂସା କରିଛନ୍ତି। ସ୍ଥାନୀୟ ସରପଞ୍ଚ ଈଶ୍ୱର ଚନ୍ଦ୍ର ନାଏକ ଧନ୍ୟବାଦ ଜଣାଇଛନ୍ତି।

# ଟିଏମ୍‌ସି ଖୋଲିବାକୁ ଦାବି

**ବାଉଁଶୁଣୀ, ୪।୫ (ଡି.ଏନ.ଏ)**

ବୌଦ୍ଧ ଜିଲା ବାଉଁଶୁଣୀ ଅଞ୍ଚଳରେ ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାରୁ ଏଠାରେ ଟିଏମ୍‌ସି ଖୋଲିବାକୁ ଦାବି ହେଉଛି। ଆକ୍ରାନ୍ତ ବ୍ୟକ୍ତି ଘରୋଇ ସଂଗରୋଧରେ ରହିବା କାରଣରୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଟିଏମ୍‌ସିଗୁଡିକ କାର୍ଯ୍ୟକ୍ଷମ କରି କୋଭିଡ୍ ଆକ୍ରାନ୍ତଙ୍କୁ ସେଠାରେ ରହିବା ସୁବିଧା କରାଗଲେ ଗ୍ରାମାଞ୍ଚଳରେ ସଂକ୍ରମଣ କମିପାରନ୍ତା। ଆଜି ପର୍ଯ୍ୟନ୍ତ କୌଣସି ପଞ୍ଚାୟତରେ ଟିଏମ୍‌ସି ଖୋଲିନାହିଁ। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଜୁନାଗଡ଼ ଏନ୍‌ଏସିରୁ ଗଡ଼ିଲା କୋଭିଡ୍ ରଥ

**ଜୁନାଗଡ, ୪।୫ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହରରେ ଦିନକୁ ଦିନ କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଲୋକଙ୍କୁ ସୁରକ୍ଷା ସକାଶେ ସଚେତନ କରିବା ପାଇଁ ଜୁନାଗଡ ଏନ୍‌ଏସି ପକ୍ଷରୁ ମଙ୍ଗଳବାର କୋଭିଡ୍ ସଚେତନ ରଥର ଶୁଭାରମ୍ଭ ହୋଇଯାଇଛି। ଏହି ରଥ ଜୁନାଗଡ ଏନ୍‌ଏସିରେ ୧୨ଟି ୱାର୍ଡକୁ ବୁଲି କୋଭିଡ୍ ସମ୍ପର୍କରେ ସ୍ଥାନୀୟ ଲୋକଙ୍କୁ ସଚେତନର ବାର୍ତ୍ତା ଦେବ। ଜୁନାଗଡ ତହସିଲଦାର ବେଦବ୍ୟାସ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ସବୁଜ ପତକା ହଲାଇ ଏହାର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଜୁନାଗଡ ଏନ୍‌ଏସି ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶମ୍ଭର ମିଶ୍ର, କୋଭିଡ୍ ପରିଚାଳନା ଅଧିକାରୀ ରଶ୍ମି ରଞ୍ଜନ ନାୟକ, ଚିନ୍ମୟ ଦାଶ, କନିଷ୍ଠ ଯନ୍ତ୍ରୀ ଅରୁଣ ବେହେରା, କନ୍ଦର୍ପ ଗୁରୁ, ଜିତେନ୍ଦ୍ର ହେଣ୍ଡିଆ, ନାରାୟଣ ସେନ, ସଂଗ୍ରାମ ଦାଶ, ଭାବଗ୍ରାହୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



ଜୁନାଗଡ ତହସିଲଦାର ସବୁଜ ପତକା ହଲାଇ କୋଭିଡ୍ ରଥର ଶୁଭାରମ୍ଭ କରୁଛନ୍ତି।

**MCL ମହାନଦୀ କୋଲଫିଲ୍‌ଡସ ଲିମିଟେଡ୍**
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯,
ୱେବ୍‌ସାଇଟ୍ :www.mahanadicoal.in
ସନ୍ଦର୍ଭ ସଂଖ୍ୟା:MCL/HQ/EE/2021/Medical/594 ତା.30.04.2021ରିଖ
**ଏମ୍‌ସିଏଲ୍ ରେ ଚୁକ୍ତି ଭିତ୍ତିରେ ଅସ୍ଥାୟୀ ଡାକ୍ତରଙ୍କ ଆବଶ୍ୟକତା ନିମନ୍ତେ ସୂଚନା**
ମହାନଦୀ କୋଲଫିଲ୍‌ଡସ୍ ଲିମିଟେଡ୍ (କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ) ଅସ୍ଥାୟୀ/ଚୁକ୍ତି ଭିତ୍ତିରେ ଏମ୍‌ସିଏଲ୍ / କୋଇଲା କ୍ଷେତ୍ର ର ହସ୍ପିଟାଲ / ଡିସ୍ପେନସରୀ ଠାରେ କାର୍ଯ୍ୟ କରିବା ନିମନ୍ତେ ସମର୍ପିତ ଏବଂ ଉଦ୍ୟମୀ ଡାକ୍ତରଙ୍କ ଆବଶ୍ୟକତା ରହିଛି । ଚୟନ ପ୍ରକ୍ରିୟା ଭିଡ଼ିଓ କନଫ୍ରେସିଂ ର ମାଧ୍ୟମରେ ବ୍ୟକ୍ତିଗତ ସାକ୍ଷାତକାର ନିର୍ଦ୍ଧାରଣ କରାଯାଇଛି । ସାକ୍ଷାତକାର ପରୀକ୍ଷାର ତାରିଖ 20.05.2021 ଦିନ ନିର୍ଦ୍ଧାରିତ କରାଯାଇଅଛି । ବିଜ୍ଞାପନ ର ବିସ୍ତୃତ ବିବରଣୀ Careers@mcl -> Career News -> Recruitment ର ଅଧିନ ୱେବ୍‌ସାଇଟ୍ www.mahanadicoal.in ରେ ଦେଖାଯାଇ ପାରିବ ।
ସ୍ୱା/-
ମହାପ୍ରବନ୍ଧକ (କାର୍ମିକ-ଅ.ସ୍ଥା)
ଏମ୍‌ସିଏଲ୍, ବୁର୍ଲା, ସମ୍ବଲପୁର
(R-5050)

**କେଜି ସୋମାନୀ ଇନ୍‌ସଲ୍‌ଭେନ୍ସି ପ୍ରଫେସନାଲ୍ସ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ବିକ୍ରୟ ବିଜ୍ଞପ୍ତି**
**ପରିସମାପନଧୀନ କେଭିକେ ନୀଳାଚଳ ପାୱାର ପ୍ରାଇଭେଟ୍ ଲିମିଟେଡ୍**
**ଇ-ନିଲାମ ପାଇଁ ତାରିଖ ବୃଦ୍ଧି ସମ୍ବନ୍ଧୀୟ ବିଜ୍ଞପ୍ତି**
ଏତଦ୍ୱାରା ସମସ୍ତଙ୍କୁ ସୂଚିତ କରାଯାଉଛି ଯେ କରୋନା ମହାମାରୀର ଦ୍ୱିତୀୟ ଲହର କାରଣରୁ, **ପରିସମାପନଧୀନ ମେସର୍ସ କେଭିକେ ନୀଳାଚଳ ପାୱାର ପ୍ରାଇଭେଟ୍ ଲିମିଟେଡ୍‌ର** ଚାଲୁ ବ୍ୟବସାୟ ଭିତ୍ତିରେ ତଥା **"ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ", "ଯେପରି ଅଛି ଯାହା ଅଛି ଭିତ୍ତିରେ", "ସେଠାରେ ଯାହା ବି ଅଛି ଭିତ୍ତିରେ"** ଏବଂ **"ବିନା ଅବଲମ୍ବନ ଭିତ୍ତିରେ"** ବ୍ୟବସାୟର ବିକ୍ରୟ ପାଇଁ ଇ-ନିଲାମ, ଯାହା ମୂଳତଃ ୧୯ ଏପ୍ରିଲ, ୨୦୨୧ରେ ଅନୁଷ୍ଠିତ ହେବା ପାଇଁ ଧାର୍ଯ୍ୟ ହୋଇଥିଲା ଏବଂ ବୁଧବାର, ୫ ମେ, ୨୦୨୧କୁ ବୃଦ୍ଧି ହୋଇଥିଲା, ତାହାକୁ ପୁନର୍ବାର **ଶନିବାର, ୫ ଜୁନ୍, ୨୦୨୧** କୁ ବୃଦ୍ଧି କରାଯାଇଛି ଏବଂ ସେହି ଅନୁଯାୟୀ ଦସ୍ତାବିଜ ଏବଂ ଇଏମ୍‌ଡି ଦାଖଲର ଶେଷ ତାରିଖକୁ ବର୍ତ୍ତମାନ **ଗୁରୁବାର, ୩ ଜୁନ୍, ୨୦୨୧**କୁ ସଂଶୋଧନ କରାଯାଇଛି ।
ଅନ୍ୟ ସମସ୍ତ ନିୟମ ଓ ସର୍ତ୍ତାବଳୀ ସମାନ ଓ ଅପରିବର୍ତ୍ତିତ ରହିବ । ନିୟମ ଓ ସର୍ତ୍ତାବଳୀ ସମ୍ବଳିତ ଇ-ନିଲାମ ପ୍ରକ୍ରିୟା ସୂଚନା ଦସ୍ତାବିଜ ୱେବ୍‌ସାଇଟ୍: **www.kvknilachalpower.com, https://right2vote.in** ତଥା **www.kgsip.com**ରେ ମଧ୍ୟ ଉପଲବ୍ଧ । କୌଣସି ସ୍ପଷ୍ଟୀକରଣ ପାଇଁ, ନିମ୍ନପ୍ରଦତ୍ତ ବିବରଣୀରେ ଯୋଗାଯୋଗ କରନ୍ତୁ ।
**ରାଜେନ୍ଦ୍ର ପ୍ରସାଦ ଟାକ - ପରିସମାପକ**
ଆଇବିବିଆଇ ପଞ୍ଜୀକରଣ ନଂ.: ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୦୫୨୬/୨୦୧୭-୧୮/୧୦୯୫୧
**କେଜି ସୋମାନୀ ଇନ୍‌ସଲ୍‌ଭେନ୍ସି ପ୍ରଫେସନାଲ୍ସ ପ୍ରାଇଭେଟ୍ ଲିମିଟେଡ୍**
ଠିକଣା: ୩/୧୫, ୪ର୍ଥ ମହଲା, ଅସଫ ଅଲି ରୋଡ୍, ନୂଆଦିଲ୍ଲୀ-୧୧୦୦୦୨,
ଇମେଲ୍ ଆଇଡି **kvknilachalkgs2019@gmail.com,**
ଯୋଗାଯୋଗ ନମ୍ବର: ୦୧୧-୪୧୪୨୬୨୬୨, ୦୧୧-୨୩୨୭୭୬୭୭, ୯୩୧୩୧୦୨୫୫୨

## ଡାକ୍ତର ଅଭାବ, ରୋଗୀସେବା ବାଧାପ୍ରାପ୍ତ

ବାଉଁଶୁଣୀ, (ଡି.ଏନ.ଏ): ବୌଦ୍ଧ ବ୍ଲକ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ଯୋଗୁ ରୋଗୀମାନେ ଆବଶ୍ୟକ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ସାଧାରଣ ରୋଗୀ ଚିକିତ୍ସା ପାଇଁ ସୋନପୁର, ମନମୁଣ୍ଡା କିମ୍ବା ବୌଦ୍ଧ ଡାକ୍ତରଖାନାକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ବର୍ତ୍ତମାନ କେବଳ ଜଣେ ଡାକ୍ତରରେ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚାଲିଛି । ୧୨ଟି ଗ୍ରାମପଞ୍ଚାୟତର ଜନସାଧାରଣ ଏହି ଡାକ୍ତରଖାନା ଉପରେ ନିର୍ଭର କରିଥାଆନ୍ତି । ତୁରନ୍ତ ଖାଲିଥିବା ଡାକ୍ତର ଓ ଅନ୍ୟ ପଦବୀ ପୂରଣ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

### ସଂକ୍ଷେପରେ

## ରାସ୍ତାରେ ଯୁବକଙ୍କ ଉନ୍ମତ୍ତକାଣ୍ଡ

ବିନିକା,୪।୫(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ସହରର ପାପକ୍ଷୟ ଘାଟ ରାସ୍ତାରେ ମଙ୍ଗଳବାର ଜଣେ ଯୁବକ ରାସ୍ତାରେ ଉନ୍ମତ୍ତ କାଣ୍ଡ ଭିଆଇ ଥିଲେ। ରାସ୍ତାରେ ଠିଆ ହୋଇଥିବା ଏକ ଟ୍ରକ୍‌ରେ ଚଢି ଟେକା ପଥର ପକାଇଥିଲେ। ବେଳେବେଳେ ଏକ ବାଡି ଘୁରେଇ ରାସ୍ତାରେ ଯାଉଥିବା ଲୋକଙ୍କୁ ଭୟଭୀତ କରିଥିଲେ। ଏଥିଯୋଗୁ ବିନିକା-ସୋନପୁର ମୁଖ୍ୟରାସ୍ତାରେ ଘଣ୍ଟାଏ କାଳ ଯାତାୟତ ବ୍ୟାହତ ହୋଇଥିଲା । ଖବର ପାଇ ବିନିକା ଥାନା ଏସ୍‌ଆଇ ସୂର୍ଯ୍ୟକାନ୍ତ ସେଠୀ ଓ ବିନିକା ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଉନ୍ମତ୍ତ ଯୁବକଙ୍କୁ କାବୁ କରିଥିଲେ । ଯୁବକଙ୍କ ପରିଚୟ ମିଳିନାହିଁ ।

## ଥାନା ଅଭ୍ୟର୍ଥନା ଗୃହ ପାନୀୟ ପ୍ରକଳ୍ପ କାର୍ଯ୍ୟକ୍ଷମ ଦାବି

ଲୋଇସିଂହା,୪।୫(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଭ୍ୟର୍ଥନା ଗୃହ ଥଣ୍ଡା ପାନୀୟ ପ୍ରକଳ୍ପ ଅଚଳ ହୋଇ ପଡିଛି। ଏହାର ମରାମତି କରାଯାଉ ନ ଥିବାରୁ ଥାନାକୁ ଆସୁଥିବା ଲୋକେ ଥଣ୍ଡା ପାନୀୟ ଜଳ ପାଇ ପାରୁ ନାହାନ୍ତି। ଥାନା ପରିସରରେ ରହିଛି ଅଭ୍ୟର୍ଥନା ଗୃହ । ଥାନାକୁ ଆସୁଥିବା ଲୋକେ ସେଠାରେ ବିଶ୍ରାମ ନେଇଥାନ୍ତି। ଆମ ପୋଲିସ ସମିତି ପକ୍ଷରୁ ଅଭ୍ୟର୍ଥନା ଗୃହରେ ଥାଣ୍ଡା ପାନୀୟ ପ୍ରକଳ୍ପର ବ୍ୟବସ୍ଥା କରାଯାଇଛି। ହେଲେ ସେଠାରେ ଦୀର୍ଘଦିନ ହେଲା ପ୍ରକଳ୍ପ ଅଚଳ ହୋଇ ପଡିଛି । ଏହାକୁ ମରାମତି କରିବା ବଦଳରେ ମଙ୍ଗଳବାର ଅଭ୍ୟର୍ଥନା ଗୃହରେ ମାଠିଆରେ ପଣି ଭର୍ତ୍ତି କରି ରଖାଯାଇ ଥିବା ଦେଖିବାକୁ ମିଳିଥିଲା ।

## ଦୁଇ ବାଇକ୍ ମୁହାଁମୁହିଁ, ଜଣେ ମୃତ

ପାଇକମାଲ,୪।୫(ଡି.ଏନ.ଏ.): ପାଇକମାଲ-ଝାରବନ୍ଧ ରାସ୍ତାର ହୀରାପୁର ଛକ ନିକଟରେ ମଙ୍ଗଳବାର ଅପରାହ୍ଣ ୩ଟାରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁଶାନ୍ତ ବାରିକ (୪୫)। ହିରାପୁର ନିବାସୀ ସୁଶାନ୍ତ ପାଇକମାଲରୁ ନିଜ ଗ୍ରାମକୁ ଫେରୁଥିବା ବେଳେ ଝାରବନ୍ଧ ପଟରୁ ଗାଇସିଲେଟ ତାଳପାଲି ଗ୍ରାମର ବିକାଶ ଭୋଇ ଅନ୍ୟ ଦୁଇ ଜଣଙ୍କୁ ଏକ ବାଇକ୍‌ରେ ବସାଇ ଯାଉଥିଲେ। ଏହି ସମୟରେ ହୀରାପୁର ଛକ ନିକଟରେ ଉଭୟଙ୍କ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ସୁଶାନ୍ତ ରାସ୍ତାରେ ପଡିଯାଇଥିବା ବେଳେ ତାଙ୍କ ମୁଣ୍ଡ ପଛପଟେ ଗଭୀର ଆଘାତ ଲାଗିଥିଲା । ତୁରନ୍ତ ତାଙ୍କୁ ଉଦ୍ଧାର କରି ପାଇକମାଲ ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ଡାକ୍ତର ସୁଶାନ୍ତଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ବାଇକରେ ଥିବା ତିନି ଜଣ ଆହତ ହୋଇଛନ୍ତି । ବୁଧବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ଏ ନେଇ ପାଇକମାଲ ଥାନାରେ ଏକ ମାମଲା ରୁଜୁ ହୋଇଛି ।

## ସୁବର୍ଣ୍ଣପୁର ଜିଲାରୁ ପୁଣି ୨୪୮ ପଜିଟିଭ୍

ସୋନପୁର,୪।୫(ନି.ପ୍ର.): ସୁବର୍ଣ୍ଣପୁର ଜିଲାରେ ମଙ୍ଗଳବାର ୨୪୮ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। କରୋନା ଭୂତାଣୁର ଦ୍ୱିତୀୟ ଲହର ଲୋକଙ୍କ ମଧରେ ଭୟ ସୃଷ୍ଟି କଲାଣି। ଗତ ଅପ୍ରେଲ ୧୦ରୁ ମେ ୪ ତାରିଖ ମଧରେ ୧୫୭୮ ଜଣ ସଂକ୍ରମିତ ହେଲେଣି। ଜିଲାରେ ୧୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଶରୀରରେ କରୋନା ଭୂତାଣୁ ଏବେ ବି ସକ୍ରିୟ ଅଛନ୍ତି। ଆକ୍ରାନ୍ତମାନେ ପ୍ରାୟତଃ ଘରେ ରହି ହିଁ ଚିକିତ୍ସିତ ହେଉଛନ୍ତି। ଆଇଟିଆଇସ୍ଥିତ କୋଭିଡ ହସ୍ପିଟାଲରେ କେବଳ ଗୁରୁତର ରୋଗୀଙ୍କୁ ହିଁ ଚିକିତ୍ସିତ କରାଯାଉଛି ।

## ତେଲିପଡ଼ା ନିଷିଦ୍ଧାଞ୍ଚଳ ଘୋଷିତ

ବିନିକା,୪।୫(ଡି.ଏନ୍.ଏ): ବିନିକା ବ୍ଲକ ଶଙ୍କରା ପଞ୍ଚାୟତ ଅନ୍ତର୍ଗତ ତେଲିପଡାର ୩ ପରିବାର ମଙ୍ଗଳବାର କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କରୋନା ସଂକ୍ରମଣକୁ ରୋକିବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ମଙ୍ଗଳବାର ପୂର୍ବାହ୍ଣ ୧୧ରୁ ଆସନ୍ତା ୯ତାରିଖ ଯାଏ ୫ଦିନ ପାଇଁ ତେଲିପଡାକୁ ନିଷିଦ୍ଧାଞ୍ଚଳ ଘୋଷିତ କରିବା ପାଇଁ ଶଙ୍କରା ପଞ୍ଚାୟତକୁ ନିର୍ଦ୍ଦେଶ ଦିଆଯାଇଥିଲା। ଚିଠି ଅନୁଯାୟୀ ସରପଞ୍ଚ ଆଶା ପଧାନ ତେଲିପଡାକୁ ନିଷିଦ୍ଧାଞ୍ଚଳ ଘୋଷଣା କରିଥିଲେ ।

# ପାଣି ପାଇଁ ରାସ୍ତାରୋକୋ

କୋସକରା, ୪।୫ (ଡି.ଏନ.ଏ.)

- ଗରା, ବାଲଟି ରଖି ୨୬ନଂ. ଜାତୀୟ ରାଜପଥରେ ବସିଲେ
- ସମାଧାନ ପ୍ରତିଶ୍ରୁତି ପରେ ଅବରୋଧ ହଟିଲା

କଳାହାଣ୍ଡି ଜିଲା କୋକସରା ବ୍ଲକ ସଦର ୬ନଂ. ୱାର୍ଡ ବଡପଡାରେ ପାନୀୟ ଜଳ ଅଭାବ ନେଇ ପଡାବାସୀ ବାରମ୍ବାର ପଞ୍ଚାୟତକୁ ଜଣାଇଲେ ମଧ୍ୟ ଏଯାଏ କୌଣସି ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଇ ନାହିଁ। ମଙ୍ଗଳବାର ଏହାର ପ୍ରତିବାଦରେ ପଡାର ମହିଳାମାନେ ବ୍ଲକ କାର୍ଯ୍ୟାଳୟ ଓ ପଞ୍ଚାୟତରେ ଦାବିପତ୍ର ଦେଇଥିଲେ। କୌଣସି ନିର୍ଭର ପ୍ରତିଶ୍ରୁତି ନ ମିଳିବାରୁ ଅତିଷ୍ଠ ହୋଇ କୋକସରା ବଡପଡାର ଶତାଧିକ ମହିଳା ଗରା, ବାଲ୍ଟି ରଖି ଏକ ଘଣ୍ଟା ୨୬ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ପାନୀୟ ଜଳ ପାଇଁ ଅଡ଼ି ବସିଥିଲେ। ଏହାସହ ମୁତ୍ରା ନଦୀରୁ ଯୋଗାଣ ହେଉଥିବା ପାନୀୟ ଜଳ ପାଇପରୁ ସରପଞ୍ଚ ଚଞ୍ଚକତା କରି ନିଜ ଚାଷ ଜମିରେ ଏକ ପଏଣ୍ଟ କରି ପାଣିର ଅପବ୍ୟବହାର କରୁଥିବା ନେଇ ମଧ୍ୟ ଅଭିଯୋଗ କରିଛନ୍ତି। ଖବର ପାଇ କୋକସରା ପୋଲିସ ଅଧିକାରୀ ବାସୁଦେବ ଛାତ୍ରିଆଙ୍କ ସମେତ ଅନ୍ୟ କର୍ମଚାରୀ ପହଞ୍ଚି ଆନ୍ଦୋଳନରତ ମହିଳାଙ୍କ ସହ ଆଲୋଚନା କରିଥିଲେ। ସରପଞ୍ଚଙ୍କ ସହ କଥାବାର୍ତ୍ତା ହୋଇ ପାନୀୟ ଜଳ ସମସ୍ୟା ସମାଧାନ କରାଯିବା ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧ ହଟିଥିଲା। ରାସ୍ତା ଅବରୋଧ ଯୋଗୁ ଦୁଇ ପାର୍ଶ୍ୱରେ ଶହ ଶହ ସଂଖ୍ୟାରେ ଗାଡି ଅଟକି ରହିବା ସହ ଟ୍ରାଫିକ ସମସ୍ୟା ଦେଖାଦେଇଥିଲା। ରାସ୍ତା ଅବରୋଧରେ ବଡପଡା ବସ୍ତିର ମହିଳା ଫୁଲତୋଳା ଖମାରି, ରଶ୍ମିତା ଶଗଡ଼ିଆ, ରେବତୀ ଖମାରି, ରାନୀ ବାଗ, ପ୍ରଫୁଲ୍ଲ ନାଏକ, ଲଳିତା ବାଗ, ସୂର୍ଯ୍ୟକାନ୍ତି ପାଣିଗ୍ରାହୀ, ଗୋମତି ନାଏକଙ୍କ ସମେତ ବଡପଡାର ଅନ୍ୟ ମହିଳା ସାମିଲ ହୋଇଥିଲେ। ଏ ନେଇ କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀଙ୍କୁ ପଚାରିବାରୁ ବିଭିନ୍ନ ପଡାକୁ ଘଣ୍ଟାଏ ଲୋଖାଏଁ ପାଇପ ପାଣି ଯୋଗାଣ ହେଉଛି। ଖରା ଦିନ ହୋଇଥିବାରୁ ନଦୀରେ ମଧ୍ୟ ପାଣିସ୍ତର କମି ଯାଇଛି। ନୂତନ ପାନୀୟ ଜଳ ପ୍ରକଳ୍ପ ମଧ୍ୟ ପଞ୍ଚାୟତକୁ ହସ୍ତାନ୍ତର ହୋଇନାହିଁ। ଆଉ ସେମାନେ କରିଥିବା ଅଭିଯୋଗ ଭିତ୍ତିହୀନ ବୋଲି କହିଥିଲେ।


ବଡପଡାରେ ମହିଳାମାନେ ୨୬ ନଂ. ଜାତୀୟ ରାଜପଥ ଅବରୋଧ କରିଛନ୍ତି ।

## ପାଣିଟାଙ୍କି ଦେଖି ମେଣ୍ଟୁଛି ଶୋଷ

ବୌଦ୍ଧ,୪।୫(ସ୍ୱ.ପ୍ର)

### ହରଭଙ୍ଗା ବ୍ଲକ

- ପାନୀୟ ଜଳଯୋଗାଣ ଯୋଜନା ବାଟବଣା

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକରେ ବହୁ ପାନୀୟ ଜଳଯୋଗାଣ ପ୍ରକଳ୍ପ ବନ୍ଦ ହୋଇ ପଡିଥିବା ଦେଖିବାକୁ ମିଳିଛି। ବ୍ଲକ କାର୍ଯ୍ୟାଳୟଠାରୁ ମାତ୍ର ୫ କିମି ଦୂର କରଞ୍ଜକଟା ଗ୍ରାମପଞ୍ଚାୟର ଲୋକାପଡା, କରଞ୍ଜକଟା ଓ ତୁକୁଲୁଣ୍ଡା ଗ୍ରାମରେ କୋଟି କୋଟି ଟଙ୍କା ବ୍ୟୟରେ ପାନୀୟ ଜଳପ୍ରକଳ୍ପ କରାଯାଇଥିଲେ ମଧ୍ୟ ଲୋକେ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ସରକାରଙ୍କ ପକ୍ଷରୁ ଲୋକାପଡା ଗ୍ରାମରେ ବସୁଧା ଯୋଜନାରେ ପାନୀୟ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଇଛି । ଏହି ପ୍ରକଳ୍ପ ଗତ ୨୦୧୯ରେ ସମ୍ପୂର୍ଣ୍ଣ ହୋଇଥିବା ବେଳେ ମାତ୍ର ୨/୩ ମାସ ଜଳଯୋଗାଣ କରାଯାଇଥିଲା। ୩ ବର୍ଷ ହେବ ପାନୀୟ ଜଳଯୋଗାଣ ଠପ୍ ହୋଇପଡିଛି। ଗାଁ ମୁଣ୍ଡରେ ଏକ ଓଭରହେଡ ଟାଙ୍କି ନିର୍ମାଣ ହୋଇଥିବା ବେଳେ ବର୍ତ୍ତମାନ ଗ୍ରାମବାସୀ ପାଣି ଟାଙ୍କିକୁ ଦେଖି ଶୋଷ ମେଣ୍ଟାଉଛନ୍ତି। କେବଳ ଲୋକାପଡା ଗ୍ରାମ ନୁହେଁ ଉକ୍ତ ପଞ୍ଚାୟତର କରଞ୍ଜକଟା ଓ ତୁକୁଲୁଣ୍ଡା ଗ୍ରାମରେ ମଧ୍ୟ ଜଳଯୋଗାଣ ଦୀର୍ଘବର୍ଷ ହେବ ବନ୍ଦ ରହିଛି। ଖରା ଯୋଗୁ ନଈ, ନାଳ, ପୋଖରି ଆଦି ଶୁଖିଯାଇଥିବା ବେଳେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ବନ୍ଦ ଥିବାରୁ ଲୋକମାନେ କଷ୍ଟ ଭୋଗୁଛନ୍ତି। ବର୍ତ୍ତମାନ ଲୋକେ କରୋନା ମହାମାରୀ ଯୋଗୁ ଭୟରେ ଘରୁ ବାହାରୁନାହାନ୍ତି । ଏ ନେଇ ବୌଦ୍ଧ ପାନୀୟ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀ ଭଞ୍ଜକିଶୋର ମନହରୀଙ୍କୁ ପଚାରିବାରୁ ଏସବୁ ସ୍ଥାନରେ ପାଣି ଚାଲୁଥିଲା । ଏବେ କ'ଣ ହୋଇଛି ସେ ନେଇ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ।



ଲୋକାପଡା ଗ୍ରାମରେ ନିର୍ମାଣ ହୋଇଥିବା ଓଭରହେଡ ଟାଙ୍କି ।

## ଗୋଟିଏ ନଳକୂପ ଭରସାରେ ୩ଶହ ପରିବାର

କଣ୍ଟାବାଞ୍ଜି, ୪।୫(ଡି.ଏନ.ଏ.)

- ରାତି ପାହିଲା ବେଳକୁ ଲାଇନ ଲଗାଉଛନ୍ତି ଲୋକେ
- ଟ୍ୟାଙ୍କର ଜଳଯୋଗାଣ ନ ହେଲେ ବ୍ଲକ ଅଫିସ ଘେରାଉ ଚେତାବନୀ

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ କୁଇବାହାଲ ପଞ୍ଚାୟତ ଅନ୍ତର୍ଗତ ସମରସିଂ ଗାଁରେ ଏବେ ପାନୀୟ ଜଳ ସମସ୍ୟା ଉତ୍କଟ ପରିସ୍ଥିତି ସୃଷ୍ଟି କରିଛି। ଗାଁରେ ଥିବା ୩ଟି ନଳକୂପରୁ ୨ଟି ଗ୍ରୀଷ୍ମ ଆରମ୍ଭରୁ ଅଚଳ ହୋଇ ପଡିଛି। ଯେଉଁ ଗୋଟିକ ସଚଳ ଅଛି ତାହା ଉପରେ ଦୁଇୱାର୍ଡ ବିଶିଷ୍ଟ ଏହି ଗାଁର ୩ଶହ ପରିବାର ନିର୍ଭର କରୁଛନ୍ତି। ଏଥିପାଇଁ ସେହି ନଳକୂପ ପାଖରେ ଅସମ୍ଭବ ଭିଡ ଜମୁଛି। ରାତି ପାହିଲା ବେଳକୁ ଗରା, ବାଲଟି ରଖି ଲୋକେ ନଳକୂପ ପାଖରେ ଲାଇନ ଲଗାଉଛନ୍ତି। ବହୁ ସମୟରେ ପାଣି ପାଇଁ ସେଠାରେ କନ୍ଦଳ ବି ହେଉଛି। ଅପରପକ୍ଷରେ ଗାଁରେ ସେଭଳି କୌଣସି ବନ୍ଧ କିମ୍ବା ଜଳାଶୟ ନାହିଁ। ଏଣୁ ଅନନୋପାୟ ହୋଇ ଲୋକେ ଭାଗ୍ୟକୁ ଆଦରି ପଡି ରହିଛନ୍ତି।

ଅଚଳ ଦୁଇ ନଳକୂପ ମରାମତି ପାଇଁ ଗ୍ରାମବାସୀ ଅନେକ ଥର ସ୍ଥାନୀୟ ସରପଞ୍ଚ ଏବଂ ଗ୍ରାମ ଜଳଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ ଦୃଷ୍ଟିକୁ ଆଣିଥିଲେ ବି କୌଣସି ସୁଫଳ ମିଳିନାହିଁ। ଜଳକଷ୍ଟରେ ଲୋକେ ଅସୁବିଧାରେ ପଡିଥିଲେ ହେଁ ପଞ୍ଚାୟତ ତରଫରୁ ଏ ଯାଏ ଟ୍ୟାଙ୍କର ଯୋଗେ ଜଳଯୋଗାଣ କରାଯାଇନାହିଁ। ଗାଁ ସ୍କୁଲ ପାଖରେ ଥିବା ନଳକୂପରୁ ବସୁଧା ଯୋଜନାରେ ପାଇପ ବିଛାଇ ପାଣି ଯୋଗାଇଦେବା ପାଇଁ ଗ୍ରାମବାସୀ ଅନେକବାର ଦାବି କରିଥିଲେ ସୁଦ୍ଧା ଏଥିପ୍ରତି କର୍ଣ୍ଣପାତ କରାଯାଉନି। ସମର ସିଂ ଗ୍ରାମରେ ପାଣି ସମସ୍ୟା ନେଇ କୁଇବାହାଲ ସରପଞ୍ଚ କ୍ଷୀରମତୀ ପୁଟେଲଙ୍କୁ ପଚାରିବାରୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇବା ବ୍ୟବସ୍ଥା ଏବେ ବ୍ଲକ ପ୍ରଶାସନ ହାତରେ ରହିଛି। ଏଥିପାଇଁ ବ୍ଲକ ପ୍ରଶାସନକୁ ଲିଖିତଭାବେ ଅବଗତ କରିଥିଲେ ସୁଦ୍ଧା କେହି ଶୁଣୁ ନ ଥିବା ସେ କହିଛନ୍ତି। ବିଡିଓ ମୋନରଞ୍ଜନ ପାଣିଗ୍ରାହୀଙ୍କୁ ଏ ବିଷୟରେ ପଚାରିବାରୁ ଏଭଳି ସମସ୍ୟା ମୋ ନଜରକୁ ଆସି ନ ଥିବା କହିଛନ୍ତି। ଅବିଳମ୍ବେ ସମରସିଂ ଗାଁକୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆ ନ ଗଲେ ବ୍ଲକ ଅଫିସ ଘେରାଉ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।


ନଳକୂପ ପାଖରେ ଗରା,ବାଲଟି ରଖି ମହିଳାମାନେ ପାଣି ପାଇଁ ଅପେକ୍ଷା କରିଛନ୍ତି।

# ମଦ ଦୋକାନକୁ ବିରୋଧ

ପାଇକମାଲ, ୪।୫ (ଡି.ଏନ.ଏ)

ପାଇକମାଲ ବ୍ଲକ ସୋହେଲା-ନୂଆପଡା ରାସ୍ତାର ପାଇକମାଲ ଓ ସାଲେପାଲି ମଝିରେ ଏକ ବିଦେଶୀ ମଦ ଦୋକାନକୁ ଅଞ୍ଚଳବାସୀ ବିରୋଧ କରିଛନ୍ତି। ଏହାର ପ୍ରତିବାଦରେ ମହିଳାମାନେ ମଙ୍ଗଳବାର ଧାରଣାରେ ବସିଥିଲେ। ପାଇକମାଲ ପୋଲିସ ଧାରଣାସ୍ଥଳକୁ ପହଞ୍ଚି ସେମାନଙ୍କୁ ବୁଝାସୁଝା କରିଥିଲା। ମଦ ଦୋକାନ ଦୋକାନ ବନ୍ଦ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ଅପରାହ୍ଣ ୩ଟାରେ ଧାରଣାରୁ ଉଠିଥିଲେ। ସୂଚନାଯୋଗ୍ୟ, ଉକ୍ତ ମଦ ଦୋକାନରୁ ମାତ୍ର କିଛି ଦୂରରେ ବିନ୍ଧ୍ୟବାସିନୀ ମହାବିଦ୍ୟାଳୟ, ଯମୁନା କନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ଜବହାର ନବୋଦୟ ବିଦ୍ୟାଳୟ ରହିଛି । ପ୍ରତ୍ୟେକ ଦିନ ଏହି ରାସ୍ତାରେ ଶହ ଶହ ଛାତ୍ରୀଛାତ୍ର ଯିବା ଆସିବା କରନ୍ତି। ଏହି ସ୍ଥାନରେ ମଦ ଦୋକାନ ଖୋଲିବା ଦ୍ୱାରା ମଦ୍ୟପମାନଙ୍କ ଦୌରାତ୍ମ୍ୟ ବଢିବ। ସୋମବାର ବିଜୁ ଛାତ୍ର ଜନତା ଦଳ ସଭାପତି ରବିନାରାୟଣ ସାହୁ ମଦ ଦୋକାନକୁ ବିରୋଧ କରି ଜିଲାପାଳଙ୍କ ଉଦ୍ଦେଶ୍ୟରେ ପାଇକମାଲ ତହସିଲଦାର ମନୋଜ କୁମାର ମେହେରଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଏହି ଦୋକାନ ଖୋଲାଗଲେ ଛାତ୍ରୀଛାତ୍ରମାନଙ୍କ ସୁରକ୍ଷା ଦୃଷ୍ଟିରୁ ଏହାକୁ ଦୃଢ଼ ପ୍ରତିବାଦ କରାଯିବ ବୋଲି ପାଇକମାଲ ବଣିକ ସଂଘ ସଭାପତି ଯୁଗଳ କିଶୋର ମେହେର କହିଛନ୍ତି।


ଲୋକମାନେ ମଦ ଦୋକାନ ଖୋଲାକୁ ବିରୋଧ କରୁଛନ୍ତି ।

## କୋଭିଡ୍ ଟେଷ୍ଟ ସଂଖ୍ୟା ବଢ଼ାଇବାକୁ ଦାବି

ବେଲପଡ଼ା, ୪।୫(ଡି.ଏନ.ଏ.)

ବେଲପଡା ବ୍ଲକ ଅଞ୍ଚଳରେ କରୋନା ସଂକ୍ରମିତ ବଢିବାରେ ଲାଗିଛନ୍ତି। ଏହି ପରିସ୍ଥିତିରେ କରୋନା ପରୀକ୍ଷା ପାଇଁ ଆସି ଲୋକେ ଫେରୁଛନ୍ତି। ବେଲପଡା ଡାକ୍ତରଖାନାରେ ୪୦ ଏବଂ ଗମ୍ଭାରୀ ଓ ଖଲିପଥର ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ୪୦ଜଣଙ୍କ ପାଇଁ ପରୀକ୍ଷା ବ୍ୟବସ୍ଥା କରାଯାଇଛି। ଉଭୟ ସ୍ଥାନରେ ଶତାଧିକ ଲୋକ ଧାଡି ଲଗାଉଥିବାରୁ ନିର୍ଦ୍ଧାରିତ ସଂଖ୍ୟା ପରେ ଅନ୍ୟମାନେ ନିରାଶ ହେଉଛନ୍ତି। ଏଣୁ ଏଠାରେ ପରୀକ୍ଷା ସଂଖ୍ୟା ବଢାଇବାକୁ ଲୋକେ ଦାବି କରିଛନ୍ତି। ଅନ୍ୟପକ୍ଷରେ ମଙ୍ଗଳବାର ୮୦ଜଣଙ୍କ କୋଭିଡ୍ ପରୀକ୍ଷା କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୮ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି।

## ମଦ ଦୋକାନ ଖୋଲିବାକୁ ନେଇ ଢୁଟୁନି ବିବାଦ

ଲାଠୋର, ୪।୫(ଡି.ଏନ.ଏ.)

ଖପ୍ରାଖୋଲ ବ୍ଲକ ଲାଠୋରରେ ଏକ ଠିପିବନ୍ଦ ବିଦେଶୀ ମଦ ଦୋକାନ ଖୋଲିବାକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। କେତେକ ଏଠାରେ ମଦ ଦୋକାନ ଖୋଲିବାକୁ ବିରୋଧ କରୁଥିବା ବେଳେ ଅନ୍ୟ କେତେକ ଉଚ୍ଛେଦ ପାଇଁ ଦାବି କରିଛନ୍ତି। ଏହି ପରିସ୍ଥିତିରେ ଅବକାରୀ ବିଭାଗ ଅଡୁଆରେ ପଡିଛି। ସୂଚନା ଅନୁସାରେ, ରାଜ୍ୟ ସରକାର ବିଦେଶୀ ମଦ ଦୋକାନଗୁଡ଼ିକୁ ଟେଣ୍ଡର ଓ ଲଟେରି ପ୍ରକ୍ରିୟାରେ ୫ ବର୍ଷ ପାଇଁ ଲାଇସେନ୍ସ ପ୍ରଦାନ କରିଛନ୍ତି। ଏହି କ୍ରମରେ ଲାଠୋର ଗ୍ରାମର ୮ନଂ. ୱାର୍ଡରେ ମଦ ଦୋକାନ ଖୋଲିବାକୁ ନିତ୍ୟାନନ୍ଦ ପ୍ରଧାନଙ୍କୁ ଲାଇସେନ୍ସ ମିଳିଛି। ହେଲେ ସେ ସେଠାରେ ଦୋକାନ ନ ଖୋଲି ୧୧ ନଂ ୱାର୍ଡରେ ଖୋଲିବାକୁ ଯୋଜନା କରୁଛନ୍ତି। ଖବର ପାଇ ୧୧ନଂ ୱାର୍ଡବାସୀଙ୍କ ସହ ଏସ୍‌ଏଚ୍‌ଜି ମହିଳାମାନେ ଏହାକୁ ବିରୋଧ କରି ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଗତ ୩ତାରିଖରେ ଅବକାରୀ ବିଭାଗ କର୍ମଚାରୀ ଲାଠୋରକୁ ଆସି ତଦନ୍ତ କଲାବେଳକୁ କୌଣସି ଅଭିଯୋଗକାରୀଙ୍କ ସହ ଆଲୋଚନା ହୋଇ ପାରି ନ ଥିଲା । ଲାଠୋର ସରପଞ୍ଚ ଖପ୍ରାଖୋଲ ତହସିଲଦାରଙ୍କୁ ଏକ ଚିଠି ଲେଖି ମଦ ଦୋକାନ ଉପଯୁକ୍ତ ସ୍ଥାନରେ ନ ଖୋଲିଲେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବ ବୋଲି କହିଛନ୍ତି। ଏ ନେଇ ଅବକାରୀ ବିଭାଗ ନିରୀକ୍ଷକ ଉଦେଲାଲ ନାୟକଙ୍କୁ ପଚାରିବାରୁ ତଦନ୍ତ ବେଳେ କେହି ମତେ ସାକ୍ଷାତ କରିନାହାନ୍ତି। ତେଣୁ ଖପ୍ରାଖୋଲ ତହସିଲଦାରଙ୍କୁ ଆମେ ରିପୋର୍ଟ ମାଗିଛୁ। ରିପୋର୍ଟ ପାଇଲା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ୧୦ ଦିନ ପରେ ପୁଣି ଜଳିଲା ଷ୍ଟ୍ରିଟ୍ ଲାଇଟ

ଜୁନାଗଡ, ୪।୫ (ଡି.ଏନ.ଏ.)

### ଧରିତ୍ରୀ ପ୍ରଭାବ

କଳାହାଣ୍ଡି ଜିଲା ଜୁନାଗଡ ସହର ପଲସାପଡାକୁ ଯାଇଥିବା ରାସ୍ତାର ଖାଲିସ୍ଥାନରେ ଲଗାଯାଇଥିବା ଷ୍ଟ୍ରିଟ ଲାଇଟଗୁଡିକ ଗତ ୧୦ଦିନ ହେଲା ଜଳୁ ନ ଥିଲା । ଫଳରେ ରାତିରେ ରାସ୍ତା ଅନ୍ଧାର ହେଉଥିଲା। ଏହି ସମୟରେ ଯାତାୟାତ କରୁଥିବା ଲୋକମାନେ ନିଜକୁ ନିରାପଦ ମଣୁ ନ ଥିଲେ। ଘଟଣା ସମ୍ପର୍କରେ ମଙ୍ଗଳବାର 'ଧରିତ୍ରୀ' ରେ ଏକ ରିପୋର୍ଟ ପ୍ରକାଶ ପାଇବା ପରେ ଘଟଣା ଲୋକଲୋଚନକୁ ଆସିଥିଲା। ଏହା ପରେ ଜୁନାଗଡ ବିଧାୟକ ତଥା ରାଜ୍ୟ ଶକ୍ତିମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଘଟଣାକୁ ଗୁରୁତ୍ୱ ଦେଇ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଶୀଘ୍ର ଏହାର ସମାଧାନ କରିବା ପାଇଁ କହିଥିଲେ। ଶକ୍ତି ମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ଦାୟିତ୍ୱରେ ଥିବା କର୍ମଚାରୀ ଉକ୍ତ ଦିନ ଷ୍ଟ୍ରିଟ ଲାଇଟର ଯାନ୍ତ୍ରିକ ତ୍ରୁଟି ସଜାଡିଥିଲେ। ଏହା ପରେ ଏବେ ଷ୍ଟ୍ରିଟ ଲାଇଟ୍ ଜଳୁଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ପ୍ରକାଶ ଯେ, ଗତ କିଛିମାସ ତଳେ ଜୁନାଗଡ ଏନ୍‌ଏସି ପକ୍ଷରୁ ରାସ୍ତାର ଖାଲି ଥିବା ସ୍ଥାନଗୁଡିକରେ ଗ୍ରୀନ ଫିଲ୍ଡ ଯୋଜନାରେ ଏହି ଷ୍ଟ୍ରିଟ ଲାଇଟ ଗୁଡିକ ଲଗାଯାଇଥିଲା।


ଷ୍ଟ୍ରିଟ ଲାଇଟଗୁଡିକ ଜଳୁଛି।

# ଆଜିଠୁ ଧାନକିଣା, ମିଳିନି ଟୋକନ

ବରଗଡ଼ ଅଫିସ୍,୪।୫

- ଏଥର ଟୋକନ ଅବଧି ୧୫ଦିନ
- ନିର୍ଦ୍ଧାରିତ ହୋଇନି ବିକ୍ରି ପରିମାଣ
- ଧାନ ବିକ୍ରି ଜଟିଳ ହେବା ସମ୍ଭାବନା

ବରଗଡ଼ ଜିଲାରେ ବୁଧବାରଠାରୁ ରବି ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ । ଏଥର ମଧ୍ୟ ଟୋକନକୁ ବାଧ୍ୟତାମୂଳକ କରାଯାଇଛି। କିନ୍ତୁ ମଙ୍ଗଳବାର ସୁଦ୍ଧା ଜିଲାର ଚାଷୀଙ୍କ ପାଖକୁ ଟୋକନ ପହଞ୍ଚିପାରିନାହିଁ। ସେହିପରି ଏକର ପ୍ରତି କେତେ ପରିମାଣର ଧାନ ବିକ୍ରି ହେବ ସେ ନେଇ ଚାଷୀମାନେ ଏଯାଏ ଅନ୍ଧାରରେ ରହିଛନ୍ତି। ଧାନ କିଣାବିକା ଆରମ୍ଭରୁ ଏଭଳି ଅବ୍ୟବସ୍ଥା ଚାଷୀଙ୍କ ପାଇଁ ଚିନ୍ତା ପାଲଟିଛି। ସେହିପରି କାଳବୈଶାଖୀ ଭୟ ଚାଷୀଙ୍କୁ ଘାରିଛି। ଏ ସମ୍ପର୍କରେ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ରଜନୀକାନ୍ତ ଦାଶଙ୍କୁ ପଚାରିବାରୁ ଚାଷୀମାନେ ଏକର ପ୍ରତି କେତେ ଧାନ ବିକ୍ରି କରିପାରିବେ, ତାହା ରାଜ୍ୟସ୍ତରୀୟ ଧାନ ସଂଗ୍ରହ କମିଟି ନିଷ୍ପତ୍ତି ନେବ। ସେହିପରି ଉଚ୍ଚ କର୍ତ୍ତୃପକ୍ଷ ଟୋକନ ଜେନେରେଶନ କରିବେ ଏବଂ ଏଥର ଟୋକନ ଅବଧି ୧୫ଦିନ ରହିବ ବୋଲି ସେ କହିଥିଲେ। ବୁଧବାରଠାରୁ ମଣ୍ଡି ଖୋଲା ରହିବ ଏବଂ ଚାଷୀମାନେ ଧାନ ଆଣିଲେ, ତାକୁ ଏଣ୍ଟ୍ରି କରାଯିବ। ଅନ୍ୟପଟେ ୪୦ଲକ୍ଷ କୁଇଣ୍ଟାଲର ଟାର୍ଗେଟ୍ ଆସି ସାରିଛି ବୋଲି ଦାଶ କହିଥିଲେ ।

ରବି ଧାନ ବିକ୍ରି ପାଇଁ ଜିଲାରେ ଏଥର ୬୯ହଜାର ୫୮୦ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ଧାନ ସଂଗ୍ରହ ପାଇଁ ଏଥର ୧୩୮ଟି ମଣ୍ଡି ଖୋଲାଯିବାକୁ ନିଷ୍ପତ୍ତି ହୋଇଛି । ପ୍ରଥମ ପର୍ଯ୍ୟାୟରେ ୧୨୮ଟି ମଣ୍ଡି ଖୋଲା ରହିବ ବୋଲି ସୂଚନା ମିଳିଛି। ସେହିପରି ଧାନ ସଂଗ୍ରହ ପ୍ରକ୍ରିୟାରେ ୫୧ଟି ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ସାମିଲ ହେବେ । ଏଥର ସ୍ୱୟଂ ସହାୟକ ଗୋଷ୍ଠୀକୁ ଏଥିରୁ ବାଦ୍ ଦିଆଯାଇଛି । ତେବେ ମଣ୍ଡି ଖୋଲୁଥିଲେ ସୁଦ୍ଧା ଧାନ କିଣାବିକା ପାଇଁ ଆବଶ୍ୟକ ପ୍ରସ୍ତୁତି ଚୂଡ଼ାନ୍ତ ହୋଇ ନ ଥିବାରୁ ସଂଗ୍ରହ ପ୍ରକ୍ରିୟା ଅଚଳ ହୋଇ ପଡ଼ିବା ଆଶଙ୍କା ରହିଛି ।

ବରଗଡ଼ ବ୍ଲକ କଲାପାଣି ଗ୍ରାମର ଚାଷୀ ସୁରେଶ୍ର ନେକାଣ୍ଟି କହିଛନ୍ତି, ସେ ୨୦ଏକର ଜମିରେ ଧାନଚାଷ କରିଛନ୍ତି। ସବୁଧାନ ଅମଳକ୍ଷମ ଅବସ୍ଥାରେ ରହିଛି। କିନ୍ତୁ ଧାନ ସଂଗ୍ରହ ପ୍ରକ୍ରିୟା ବିଳମ୍ବିତ ହେବା ଆଶଙ୍କା କରି ସେ ଅମଳ କରୁ ନାହାନ୍ତି। ଏପର୍ଯ୍ୟନ୍ତ ତାଙ୍କୁ ଟୋକନ ମିଳିନାହିଁ । ଗତ ରବି ଋତୁରେ ଚାଷୀମାନେ ଏକର ପ୍ରତି ୨୬କୁଇଣ୍ଟାଲ ଧାନ ବିକ୍ରି କରିଥିଲେ। କିନ୍ତୁ ଏଥର ଧାନ ବିକି ପାରିବେ, ତାହା ମଧ୍ୟ ଚାଷୀଙ୍କୁ ଜଣାନାହିଁ ବୋଲି ସେ କହିଛନ୍ତି । ଚାଷୀନେତା ରମେଶ ମହାପାତ୍ର କହିଛନ୍ତି, ଏଥର ଧାନ ସଂଗ୍ରହ ପ୍ରକ୍ରିୟା ସନ୍ଦେହଜନକ ଅବସ୍ଥାରେ ରହିଛି। ବୁଧବାରଠାରୁ ଧାନ କିଣିବା ପାଇଁ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ନିଷ୍ପତ୍ତି ନେଇଛି। କିନ୍ତୁ ରାଜ୍ୟସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଏଯାଏ ବସି ପାରି ନାହିଁ। ଏଥିପାଇଁ ଟୋକନ ତ ଦୂରର କଥା, ଚାଷୀମାନେ ଏକର ପ୍ରତି କେତେ ଧାନ ବିକ୍ରି କରିବେ, ସେହି ସୂଚନା ମଧ୍ୟ ଚାଷୀଙ୍କୁ ମିଳି ପାରିନାହିଁ। ଫଳରେ ଠିକ୍ ସମୟରେ ଧାନ ବିକ୍ରି କରି ନ ପାରି ଚାଷୀ କରୋନା କାଳରେ ପୁଣି ଆର୍ଥିକ ସଙ୍କଟର ସମ୍ମୁଖୀନ ହେବ ବୋଲି ମହାପାତ୍ର କହିଛନ୍ତି ।


ବରଗଡ଼ ବ୍ଲକ କଲାପାଣି ଅଞ୍ଚଳର ଚାଷୀମାନେ ଧାନ ଅମଳ କରୁଛନ୍ତି ।